


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୬ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 06 OCTOBER 2023

Vol.No. 34 ■ No. 263■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ବାଣ ଉପରେ ଚଢ଼ି କାର ଛିନ୍ନଛତ୍ର: ଡ୍ରାଇଭିଂ କରୁଥିବା ଡାକ୍ତର ଗୁରୁତର

କେନ୍ଦ୍ରାପଡ଼ା, ୦୫/୧୦ (ନି.ପ୍ର): ରାସ୍ତାରେ ବାଣ ଶୁଖା ଯାଇଥିବା ବେଳେ ତା' ଉପରେ ଅଚାନକ ଚଢ଼ିଗଲା କାର। ଫଳରେ ବିସ୍ଫୋରଣ ଘଟି କାରଟି ଛିନ୍ନଛତ୍ର ହୋଇ ଯାଇଥିବା ବେଳେ ଏହାକୁ ଚଲାଉଥିବା ଡାକ୍ତରଙ୍କ ଅବସ୍ଥା ଗୁରୁତର ଅଛି। ଏପରି ଏକ ଅଘଟଣ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନ ଅନ୍ତର୍ଗତ ଭରତପୁର ପଞ୍ଚାୟତ ଖଣ୍ଡିଆବନ୍ଧ ଗାଁରେ ଘଟିଛି। ଗୁରୁତର ଆହତ ହୋଇଥିବା ଡାକ୍ତର ଜଣକ ହେଲେ ୨୮ ବର୍ଷୀୟ ସୁଜିତ ସାମଲ। ସୁଜିତ ସାମଲ କିଛି ବର୍ଷ ହେବ କେନ୍ଦ୍ରାପଡ଼ା ମେଡିକାଲରେ କାର୍ଯ୍ୟରତ ଅଛନ୍ତି। ଗତ କିଛି ଦିନ ହେବ କଟକରେ ଟ୍ରେନିଂ ପଢ଼ିଥିବାରୁ ସେ ନିଜ କାରରେ ଯିବା ଆସିବା କରୁଥିଲେ। ଆଜି ପୂର୍ବାହ୍ନ ୧୦ଟାରେ ଡାକ୍ତର ସାମଲ ନିଜ କାରରେ କଟକ ଅଭିମୁଖେ ଯାଉଥିଲେ। ସେ ଖଣ୍ଡିଆବନ୍ଧ ଗାଁ ରାସ୍ତା ଅତିକ୍ରମ କରୁଥିବା ବେଳେ ରାସ୍ତା ଉପରେ ବାଣ ଶୁଖା ଯାଇଥିଲା। ବାଣ ଉପରେ ତାଙ୍କ କାର ଚଢ଼ିଯିବାରୁ ଜୋରରେ ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ଡାକ୍ତର ସାମଲଙ୍କ ଗାଡ଼ିର ଆଗ ପାର୍ଶ୍ୱ ନଷ୍ଟ ହୋଇଯାଇଛି। ଡାକ୍ତର ସାମଲଙ୍କ ମୁଣ୍ଡ, ହାତ, ଛାତିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତୁରନ୍ତ ତାଙ୍କୁ କେନ୍ଦ୍ରାପଡ଼ା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ କଟକ ରେଫର କରି ଦିଆଯାଇଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଆପ୍ ଅଭିଯୁକ୍ତ ଟିପ୍ପଣୀର ସ୍ପଷ୍ଟୋକ୍ତି ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୦୫/୧୦ : ଦିଲ୍ଲୀ ମଦ ନୀତି ଘୋଟାଲାରେ କାହିଁକି 'ଆପକୁ ଅଭିଯୁକ୍ତ ଭାବେ ଦର୍ଶାଯିବ ନାହିଁ' ପ୍ରସଙ୍ଗକୁ ନେଇ ସୃଷ୍ଟି ହୋଇଥିବା ପ୍ରଶ୍ନର ସ୍ପଷ୍ଟୋକ୍ତି ରଖିଲେ ସର୍ବୋଚ୍ଚ ଅଦାଲତ। ଏହି ମାମଲାରେ ଅଦାଲତ କାହିଁକି ଆପକୁ ଅଭିଯୁକ୍ତ ଭାବେ ଦର୍ଶାଯାଉ ବୋଲି କହୁଛନ୍ତି, ସେନେଇ ଉତ୍ତର ରଖିଛନ୍ତି। ମନିଷ ସିସୋଦିଆଙ୍କ ଜାମିନ୍ ଆବେଦନର ଶୁଣାଣି ସମୟରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇ କହିଛନ୍ତି, ଆମେ ଏ ଉପରେ ସ୍ପଷ୍ଟ କରିବାକୁ ଚାହୁଁଛୁ। ଗତକାଲି ଆମେ କେବଳ ଏକ ଆଇନଗତ ପ୍ରଶ୍ନ ପଚାରିଥିଲୁ। ଆମର ପ୍ରଶ୍ନ ଥିଲା, ଯଦି ଇ ଏବଂ ଈକୁ ଅଭିଯୁକ୍ତ କରାଯାଇଛି ଏବଂ ଉ ଏହି ମାମଲାରେ ଉପକୃତ ହୋଇଛି, ତେବେ ଉକୁ କାହିଁକି ଅଭିଯୁକ୍ତ କରାଯିବ ନାହିଁ? ସୁପ୍ରିମକୋର୍ଟ ଦିଲ୍ଲୀର ମଦ ନୀତି ଘୋଟାଲା ମାମଲାରେ ଆମ୍ ଆଦମି ପାର୍ଟିକୁ କାହିଁକି ଅଭିଯୁକ୍ତ କରାଯାଉନାହିଁ ବୋଲି ଇଡିକୁ ପ୍ରଶ୍ନ ପଚାରିଥିଲେ। ଏହି ମାମଲାରେ ଦଳର ବରିଷ୍ଠ ନେତା ମନିଷ ସିସୋଦିଆ ଗିରଫ ହୋଇ ଜେଲରେ ଥିବାବେଳେ ଗତକାଲି ଦଳର ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ଆପକୁ ମଧ୍ୟ ଅଭିଯୁକ୍ତ ଭାବେ ପକ୍ଷଭୁକ୍ତ କରାଯାଉ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ। ଏନେଇ ଗଣମାଧ୍ୟମରେ ଚର୍ଚ୍ଚା ହେବା ପରେ, ଆଜି ଯେତେବେଳେ ସିସୋଦିଆଙ୍କ ଜାମିନ ଆବେଦନର ଶୁଣାଣି ଚାଲିଥିଲା ଏହି ସମୟରେ ତାଙ୍କ ଓକିଲ ଅଭିଷେକ ମନୁ ସିଂହଭି ଏ ଉପରେ ପ୍ରଶ୍ନ ଉଠାଇଥିଲେ। ସେ ଅଦାଲତଙ୍କୁ ପଚାରିଥିଲେ, 'ଆପଣ କାହିଁକି ଏକ ଦଳକୁ ଅଭିଯୁକ୍ତ ଭାବେ ଦର୍ଶାଇବାକୁ ଚାହୁଁଛନ୍ତି?' ଏହାର ଉତ୍ତରରେ ଏପରି କହିଛନ୍ତି ସପ୍ରିମକୋର୍ଟ।

# କପିଲ ଶର୍ମା, ହୁମା କ୍ୟୁରେଶୀ ଓ ହିନା ଖାନଙ୍କୁ ଇଡିର ସମନ



ନୂଆଦିଲ୍ଲୀ,୦୫/୧୦ :ମହାଦେବ ଗେମିଂ ଆପ୍ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କମେଡିଆନ କପିଲ ଶର୍ମା, ଅଭିନେତ୍ରୀ ହୁମା କ୍ୟୁରେଶୀ ଓ ହିନା ଖାନଙ୍କୁ ସମନ କରିଛି। ହୁମା ଓ ହିନା ମହାଦେବ ଆପ୍‌ର ପ୍ରମୋସନ କରିଥିଲେ। ସେହିପରି କପିଲ ଶର୍ମା ମହାଦେବ ଆପ୍‌ର ସଫଳତା ପାଇଁ ଦୁବାଇରେ ଅନୁଷ୍ଠିତ ପାର୍ଟିରେ ଗତ ବର୍ଷ ସେପ୍ଟେମ୍ବର ମାସରେ ଯୋଗ ଦେଇଥିଲେ। ତେଣୁ ସେମାନଙ୍କୁ ଇଡି ହାଜର ହେବାକୁ ସମନ କରିଛି। ବୁଧବାର ଇଡି ଏହି ଘଟଣାରେ ବଲିଉଡ ଅଭିନେତା ରଣବୀର କପୁରଙ୍କୁ ମଧ୍ୟ ସମନ କରିଥିଲା। ମହାଦେବ ଗେମିଂ ଆପ୍‌ର ପ୍ରଚାର ଓ ପ୍ରସାର ପାଇଁ ରଣବୀର ଏକାଧିକ ବିଜ୍ଞାପନ କରିଥିଲେ। ଏଥିପାଇଁ ତାଙ୍କୁ ଶୁକ୍ରବାର ହାଜର ହେବାକୁ ଇଡି ସମନ କରିଛି।

▶▶ପୃଷ୍ଠା ୭

# କଟକ ବଡ଼ ଡାକ୍ତରଖାନା ଆଇସିୟୁରେ ବାଜିବ ଭଜନ




କଟକ, ୦୫/୧୦ (ନି.ପ୍ର): କଟକ ବଡ଼ ମେଡ଼ିକାଲ୍‌ରେ ରୋଗୀଙ୍କୁ ଦିଆଯିବ ମ୍ୟୁଜିକ୍ ଥେରାପି। ତାହା ପୁଣି ଆଇସିୟୁରେ। ମେଡିକାଲ୍‌ର ବିଭିନ୍ନ ବିଭାଗର ଆଇସିୟୁ ଓ ଆଇସିୟୁ ୱାର୍ଡରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ୨୪ ଘଣ୍ଟା ଦିଆଯିବ ମ୍ୟୁଜିକ୍ ଥେରାପି। ବାଜିବ ଭଜନ! ଏଥିରେ କୌଣସି ନିର୍ଦ୍ଦିଷ୍ଟ ଭଜନ ବାଜିବ ନାହିଁ। କେବଳ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ(ବାଦ୍ୟଯନ୍ତ୍ର ଧ୍ୱନି) ବାଜିବ। ବୁଧବାର ବସିଥିବା ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକରେ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଦୁଇ ମାସ ଭିତରେ ଏହି ସେବା କାର୍ଯ୍ୟକାରୀ କରିବା ପାଇଁ ଯୋଜନା ରଖାଯାଇଛି। ମ୍ୟୁଜିକ ଥେରାପି ନେଇ ଏସ୍‌ସିବି ମେଡ଼ିକାଲ୍ କୁଳସଚିବ ଡାକ୍ତର ଅବିନାଶ ରାଉତ କହିଛନ୍ତି, ରୋଗୀମାନଙ୍କୁ ଭଲ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ପ୍ରତି ଦୁଇ ମାସରେ ସ୍ୱାସ୍ଥ୍ୟ ବିକାଶ ସମିତି ବୈଠକ ବସୁଛି। ଏଥର ବୁଧବାର ବସିଥିଲା ବୈଠକ। ଏଥିରେ ମେଡ଼ିକାଲ୍ ସୁପାରିନ୍‌ଟେଣ୍ଡେଣ୍ଟ, ଡିନ୍, ପ୍ରଫେସର, ସ୍ୱାସ୍ଥ୍ୟ ବିକାଶ ସମିତିର ଚୟାରମ୍ୟାନ୍ ତଥା ସିଏମ୍‌ସି କମିଶନର ଯୋଗଦେଇଥିଲେ। ଆଲୋଚନା ବେଳେ ଆଇସିୟୁରେ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ବଜାଇବା ପାଇଁ କିଛି ସଭ୍ୟ ଯୁକ୍ତି ବାଢ଼ିଥିଲେ। ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ରୋଗୀ ସୁସ୍ଥ ହେବାରେ ସହାୟକ ହୋଇଥାଏ ବୋଲି ମତପ୍ରକାଶ ପାଇଥିଲା। ଏହା ଉପରେ ତର୍ଜମା କରାଯିବା ପରେ ପ୍ରତ୍ୟକ ବିଭାଗରେ ଥିବା ଆଇସିୟୁରେ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ବଜାଇବା ପାଇଁ ନିଷ୍ପତ୍ତି ହୋଇଛି। ମାସେ ଭିତରେ କାମସାରିବାକୁ ସ୍ୱାସ୍ଥ୍ୟ ବିକାଶ ସମିତି ଚେୟାରମ୍ୟାନ୍ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଡାକ୍ତର ରାଉତ କହିଛନ୍ତି। ସେ ଆହୁରି କହିଛନ୍ତି, ପ୍ରତି ଆଇସିୟୁର ୱାର୍ଡରେ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ୍ ସରଞ୍ଜାମ ଖଞ୍ଜିବା ପାଇଁ ସରକାରୀ ନିୟମ ଅନୁସାରେ ଟେଣ୍ଡର କରାଯିବ।

▶▶ପୃଷ୍ଠା ୭

# ୫ବର୍ଷ ପରେ ସରକାର ଚେତିଲେ: ରାଜ୍ୟରେ ନିଷିଦ୍ଧ ହେଲା ହର୍ବିସାଇଡ୍ ପାରାକ୍ୱେଟ୍




ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଶେଷରେ ରାଜ୍ୟ ସରକାରଙ୍କ ଚେତା ପଶିଛି । ବିଷାକ୍ତ ହର୍ବିସାଇଡ୍ ପାରାକ୍ୱେଟ୍ ବିକ୍ରି, ମହଜୁଦ୍, ବିତରଣ, ଉତ୍ପାଦନ ଓ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି । ପ୍ରାଥମିକ ଭାବେ ଏହି କଟକଣା ମାତ୍ର ଦୁଇମାସ ପାଇଁ ବଳବତ୍ତର ରହିବ ଓ ପରେ ଗବେଷଣା ପ୍ରତିଷ୍ଠାନ ଓ ଅନ୍ୟ ଅଂଶୀଦାରଙ୍କଠୁ ବିଜ୍ଞାନସମ୍ମତ ମତାମତ ପାଇବା ପରେ ଏହି ରସାୟନ ପଦାର୍ଥ ଉପରେ ସ୍ଥାୟୀ ନିଷେଧାଦେଶ ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦେବେ ବୋଲି ଜଣାପଡ଼ିଛି । ଏହି ବିଷାକ୍ତ ରସାୟନ ପଦାର୍ଥ ଉପରେ କଟକଣା ଜାରି ପାଇଁ ରାଜ୍ୟର ଡାକ୍ତରମାନେ ଦୀର୍ଘ ୫ବର୍ଷ ଧରି ସରକାରଙ୍କୁ ପରାମର୍ଶ ଦେଇ ଆସୁଥିଲେ । ଏପରିକି ଏହା ଉପରେ କଟକଣା ନିମନ୍ତେ ସମ୍ବଲପୁର ଜିଲ୍ଲାର ଡାକ୍ତରମାନେ ୨୦୧୯ ସେପ୍ଟେମ୍ବର ମାସରେ ଦୁଇଦିନିଆ ଆମରଣ ଅନଶନ ମଧ୍ୟ କରିଥିଲେ । ଆଜି ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ବିଷାକ୍ତ ହର୍ବିସାଇଡ୍ ପାରାକ୍ୱେଟର ବିକ୍ରି,ଉତ୍ପାଦନ, ବିତରଣ ଓ ମହଜୁଦଠୁ ଆରମ୍ଭ କରି ବ୍ୟବହାରକୁ ସମଗ୍ର ରାଜ୍ୟରେ ନିଷିଦ୍ଧ କରାଯାଇଛି । କୀଟନାଶକ ଅଧିନିୟମ-୧୯୬୮ ଅନୁସାରେ ଏହି ନିଷୋଧାଦେଶ ପ୍ରାଥମିକ ଭାବେ ଦୁଇମାସ ପାଇଁ ବଳବତ୍ତର ରହିବ । ଗବେଷଣା ପ୍ରତିଷ୍ଠାନ ଓ ଅନ୍ୟ ଷ୍ଟେକହୋଲଡରଙ୍କଠୁ ବିଜ୍ଞାନସମ୍ମତ ମତାମତ ପାଇବା ପରେ ରାଜ୍ୟ ସରକାର ଏହା ଉପରେ ସ୍ଥାୟୀ ନିଷେଧାଦେଶ ଜାରି ପାଇଁ ଭାରତ ସରକାରଙ୍କୁ ପ୍ରସ୍ତାବ ଦେବେ । 'ମୋ ସରକାର' ଉପକ୍ରମ ଅଧୀନରେ ହିତାଧିକାରୀଙ୍କଠୁ ମିଳିଥିବା ମତାମତ ଆଧାରରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏହି ବିଷାକ୍ତ ରସାୟନ ବ୍ୟବହାର କରି ଯେପରି କୌଣସି ମଣିଷଙ୍କ ଜୀବନ ନଯାଏ ସେଥିପାଇଁ ପାରାକ୍ୱେଟ୍

▶▶ପୃଷ୍ଠା ୭

# ସିକିମର ପ୍ରଳୟଙ୍କରୀ ବନ୍ୟାରେ ନିଖୋଜ ଓଡ଼ିଆ ଯବାନ ସହିଦ

ଭୁବନ, ୦୫/୧୦ (ନି.ପ୍ର): ସିକିମର ପ୍ରଳୟଙ୍କରୀ ବନ୍ୟାରେ ନିଖୋଜ ଓଡ଼ିଆ ଯବାନ ସରୋଜ କୁମାର ଦାସ ସହିଦ। ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ? ସେ। ଉଦ୍ଧାରକାରୀ ଦଳର ଭିଡିଓ କଲରେ ସହିଦଙ୍କ ମୃତଦେହକୁ ଚିହ୍ନଟ କରିଛନ୍ତି ପରିବାର ଲୋକେ। ଭୁବନ ବ୍ଲକ୍ କାମାକ୍ଷାନଗର ଥାନା ଦିଘି ପଞ୍ଚାୟତ କେନ୍ଦୁଡ଼ିପ ଗାଁର ରାମଚନ୍ଦ୍ର ଦାସଙ୍କ ସାନପୁଅ ହାବିଲଦାର ସରୋଜ କୁମାର ଦାସଙ୍କ ଅକାଳ ବିୟୋଗରେ ଗାଁରେ ଏବେ ବି ଶୋକାକୁଳ ପରିବେଶ ଲାଗି ରହିଛି। ସୂଚନାଯୋଗ୍ୟ, ସରୋଜ ୨୦୧୨ ମସିହା ଅକ୍ଟୋବର ୨୧ ତାରିଖରେ ସେନାରେ ସିପାହୀ ଭାବେ ନିଯୁକ୍ତି ପାଇଥିଲେ। ମଙ୍ଗଳବାର ରାତି ୧୦ଟା ବେଳେ ସରୋଜ ପରିବାର ଲୋକଙ୍କ ସହ ମୋବାଇଲରେ କଥା ହୋଇଥିଲେ। ପ୍ରବଳ ବର୍ଷା ଯୋଗୁଁ ସେ ଗାଡ଼ି ଭିତରେ ରହିଥିବା ପରିବାର ଲୋକଙ୍କୁ କହିଥିଲେ। ତେବେ ଏହାପରେ ତାଙ୍କ ସହ ଆଉ ଯୋଗାଯୋଗ ହୋଇ ନଥିଲା। ସେ ନିଖୋଜ ଥିବା ଖବର ଟିଭିରୁ ଦେଖି ପରିବାର ପକ୍ଷରୁ ତାଙ୍କ ମୋବାଇଲ୍କୁ କଲ୍ କରାଯାଇଥିଲେ ବି ଫୋନ୍ ସୁଇଚ୍ ଅଫ୍ ଆସିଥିଲା। ସରୋଜ ପରିବାରରେ ସବୁଠାରୁ ସାନ ଥିଲେ। ମାତ୍ର ୭ ମାସ ତଳେ ଗଲା ଫେବ୍ରୁଆରି ୧୧ ତାରିଖ ସେ କଙ୍କଡ଼ାହାଡ଼ର ଲୋପାମୁଦ୍ରା ଦାସଙ୍କୁ ବିବାହ କରିଛନ୍ତି। ସିପାହୀରୁ ପଦୋନ୍ନତି


▶▶ପୃଷ୍ଠା ୭



# ଦୀପାବଳି ପୂର୍ବରୁ ଅଘଟଣ: ବାଣ ଗୋଦାମ ବିସ୍ଫୋରଣରେ ୪ ମୃତ

ତାମଲିନାଡୁ,୦୫/୧୦ : ଦୀପାବଳି ପୂର୍ବରୁ ବାଣ ଗୋଦାମରେ ଅଘଟଣ। ତାମିଲନାଡୁ ନାଗାପାଟ୍ଟିଣମର ଏକ ଗୋଦାମରେ ବିସ୍ଫୋରଣ ଘଟି ୪ ଜଣଙ୍କ ମୃତ୍ୟୁ। ଏକାଧିକ ଆହତ ହୋଇଥିବା ସୂଚନା। ପୁଲିସର ସୂଚନାନୁସାରେ, ଦୀପାବଳିକୁ ମାତ୍ର ଗୋଟିଏ ମାସ ବାକି ଥିବାରୁ ଅଞ୍ଚଳର କର୍ମଚାରୀମାନେ ବାଣ ପ୍ରସ୍ତୁତରେ ଲାଗିପଡିଛନ୍ତି। କିନ୍ତୁ ସାମାନ୍ୟ ଅସାବଧାନତା କାରଣରୁ ଅଘଟଣ ଘଟିଯାଉଛି। ନାଗାପାଟ୍ଟିଣମର ଏକ ବାଣ ଗୋଦାମରେ ବିସ୍ଫୋରଣ କାରଣରୁ ୪ ଜଣଙ୍କ ମୃତ୍ୟୁ ହୋଇଛି। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ମୃତଦେହଗୁଡିକ ଖଣ୍ଡ ବିଖଣ୍ଡିତ ହୋଇ ୧୦୦ ମିଟର ଦୂରରେ ପଡିଛି। ଫଳରେ ମୃତକଙ୍କ ପରିଚୟ ମିଳିପାରୁ ନାହିଁ। ଘଟଣା ସମୟରେ କାରଖାନା ଭିତରେ ୮ ଜଣ ଶ୍ରମିକ କାମ କରୁଥିଲେ। ଅନ୍ୟ ଆହତମାନଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ବୋଲି ପୁଲିସ କହିଛି। ପୁଲିସ ଆହୁରି କହିଛି, ୨୦୦୮ ପରଠାରୁ ଏଠାରେ ବାଣ କାରଖାନା ଚାଲିଆସୁଛି। ୨୦୨୩ରୁ ୨୦୨୬ ପର୍ଯ୍ୟନ୍ତ ବାଣ ତିଆରି ପାଇଁ ଲାଇସେନ୍ସ ମିଳିଥିଲା। ବିସ୍ଫୋରକ ପାଉଡର ମିଶ୍ରଣ ସମୟରେ ଏପରି ଏକ ଅଘଟଣ ଘଟିଥିବା ଅନୁମାନ କରାଯାଉଛି ବୋଲି ପୁଲିସ କହିଛି।

# ୫ ଦିନିଆ ରିମାଣ୍ଡରେ ଗଲେ ଆପ ସାଂସଦ ସଞ୍ଜୟ ସିଂହ



ନୂଆଦିଲ୍ଲୀ,୦୫/୧୦ : ଦିଲ୍ଲୀରୁ ପ୍ରତ୍ୟାହାର ହୋଇସାରିଥିବା ଅବକାରୀର ନୀତିରେ ହୋଇଥିବା ତଥାକଥିତ ଦୁର୍ନୀତି ଘଟଣାରେ ଗିରଫ ଆପ୍ ସାଂସଦ ସଞ୍ଜୟ ସିଂହଙ୍କୁ କୌଣସି ପ୍ରକାରର ଆଶ୍ୱସ୍ତି ମିଳିନାହିଁ। ଅବକାରୀ ନୀତି ଦୁର୍ନୀତି ଘଟଣାରେ ଇଡି ବୁଧବାର ସଞ୍ଜୟ ସିଂହଙ୍କୁ ଗିରଫ କରିଥିଲା। ଆଜି ଦିଲ୍ଲୀର ଗୋଟିଏ କୋର୍ଟ ତାଙ୍କୁ ୫ ଦିନ ପାଇଁ ରିମାଣ୍ଡରେ ନେବାକୁ ଇଡିକୁ ଅନୁମତି ଦେଇଛନ୍ତି। ଏହି ୫ ଦିନ କାଳ ଇଡି ସଞ୍ଜୟ ସିଂହଙ୍କୁ ଜେରା କରିବା ସହ ତଥାକଥିତ ମଦ ନୀତି ଦୁର୍ନୀତି ଘଟଣାରେ ଅଧିକ ତଥ୍ୟ ହାସଲ କରିବ।

ଅବକାରୀ ନୀତିରେ ହୋଇଥିବା ଦୁର୍ନୀତିରୁ ଜଣେ ବ୍ୟବସାୟୀ ୩ କୋଟି ଟଙ୍କା ସଞ୍ଜୟ ସିଂହଙ୍କୁ ଦେଇଥିବା ଆଜି ଇଡି ତାଙ୍କୁ ରିମାଣ୍ଡରେ ନେବେ ବେଳେ କୋର୍ଟଙ୍କୁ ଅବଗତ କରାଇଛି। ଇଡି କହିଛି ଯେ ଦିଲ୍ଲୀ ବ୍ୟବସାୟୀ ଦୀନେଶ ଅରୋରା ପ୍ରଥମ ଅବକାରୀ ନୀତି ଦୁର୍ନୀତି ଘଟଣାରେ ଅଭିଯୁକ୍ତ ଥିଲେ। ତାଙ୍କୁ ଗିରଫ ମଧ୍ୟ କରାଯାଇଥିଲା। ଏବେ ସେ ରାଜସାକ୍ଷୀ ପାଲଟି ଯାଇଛନ୍ତି। ତାଙ୍କ ବୟାନ ଆଧାରରେ ଇଡି ତଦନ୍ତ କରିବା ସହ ସଞ୍ଜୟ ସିଂହ ଦୁର୍ନୀତି ୩ କୋଟି ଟଙ୍କା ପାଇଥିବା କୋର୍ଟଙ୍କୁ ଅବଗତ କରାଇଛି।

ଇଡି କୋର୍ଟଙ୍କୁ ଆହୁରି କହିଛି ଯେ "ରେଡ୍ ବେଳେ ସଞ୍ଜୟ ସିଂହଙ୍କ ଘରୁ ଦୁର୍ନୀତି ସହ ଜଡ଼ିତ କିଛି ଡିଜିଟାଲ ପ୍ରମାଣ ମିଳିଛି। ଏଗୁଡ଼ିକ ସତ୍ୟାସତ୍ୟ ଜାଣିବା ପାଇଁ ସଞ୍ଜୟ ସିଂହଙ୍କୁ ହେପାଜତକୁ ନେଇ ଜେରା କରିବାର ଆବଶ୍ୟକତା ରହିଛି। ଦୀନେଶ ଅରୋରାଙ୍କ ଠାରୁ ସଞ୍ଜୟ ସିଂହ ୩ କୋଟି ଟଙ୍କା ନେଇଥିଲେ। ଅରୋରାଙ୍କ ଜଣେ କର୍ମଚାରୀ ସରବେଶ ତାଙ୍କୁ ଏହି ଟଙ୍କା ଦେଇଥିଲେ। ତେଣୁ ଅପରାଧ ସହ ସଞ୍ଜୟ ସିଂହ ସିଧାସଳଖ ଲିଙ୍କ ରହିଛି।"

ସଞ୍ଜୟ ସିଂହଙ୍କ ଓକିଲ ଏହାକୁ କାଉଣ୍ଟର କରି କହିଥିଲେ ଯେ "ଦୀନେଶ ଅରୋରାଙ୍କୁ ଏହି ସମାନ ଇଡି ଗିରଫ କରିଥିଲା। ବର୍ତ୍ତମାନ ତାଙ୍କୁ ରାଜସାକ୍ଷୀ କରାଯାଇଛି। ତାଙ୍କ କଥାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ସେହିପରି ଏହି ମାମଲାରେ ତଦନ୍ତକାରୀ ସଂସ୍ଥା କେବେ ହେଲେ ପୂର୍ବରୁ ସଞ୍ଜୟ ସିଂହଙ୍କୁ ସମନ କରି ନଥିଲା। ଇଡି କହିଛି ଯେ ସେମାନେ ୨୩୯ଟି ସ୍ଥାନରେ ରେଡ୍ କରିଥିଲେ। କ'ଣ ୨୩୯ ସ୍ଥାନରୁ ମିଳିଥିବା ପ୍ରମାଣ ସମ୍ପର୍କରେ ସଞ୍ଜୟ ସିଂହଙ୍କୁ ସେମାନେ ପଚରାଉଚରା କରିବେ।?"

ଅଭିଯୁକ୍ତରୁ ରାଜସାକ୍ଷୀ ହେବା ପ୍ରସଙ୍ଗରେ ଇଡି କହିଛି ଯେ "ଦୀନେଶ ଅରୋରା ଏହି କୋର୍ଟର ନ୍ୟାୟିକ ନିର୍ଦ୍ଦେଶ ଅନୁସାରେ ରାଜସାକ୍ଷୀ ହୋଇଛନ୍ତି।"

ଏହି ସମୟରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ କହିଥିଲେ, "ମୋ ବିରୋଧରେ ଥିବା ସମସ୍ତ ଅଭିଯୋଗ ମିଛ।

▶▶ପୃଷ୍ଠା ୭

# ମଧ୍ୟପ୍ରଦେଶ ସରକାରଙ୍କ ବଡ଼ ଘୋଷଣା: ଚାକିରିରେ ମହିଳାଙ୍କୁ ମିଳିବ ୩୫% ସଂରକ୍ଷଣ

ନୂଆଦିଲ୍ଲୀ,୦୫/୧୦ : ଆଗକୁ ବିଧାନସଭା ନିର୍ବାଚନ ଥିବା ବେଳେ ମଧ୍ୟପ୍ରଦେଶ ସରକାର ଖେଳିଛନ୍ତି ମହିଳା କାର୍ଡ। ଏଣିକି ମଧ୍ୟପ୍ରଦେଶରେ ସମସ୍ତ ସରକାରୀ ଚାକିରିରେ ୩୫% ସଂରକ୍ଷଣ ଦେବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର। ଏନେଇ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ ଘୋଷଣା କରିଥିବା ବେଳେ ରାଜ୍ୟ ସରକାରଙ୍କ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେବଳ ବନ ବିଭାଗକୁ ଛାଡ଼ିଦେଲେ ରାଜ୍ୟର ସମସ୍ତ ସରକାରୀ ବିଭାଗରେ ହେଉଥିବା ପ୍ରତ୍ୟକ୍ଷ ନିଯୁକ୍ତି କ୍ଷେତ୍ରରେ ଏହି ନିୟମ ଲାଗୁ ହେବ ବୋଲି ସ୍ପଷ୍ଟ ସୂଚନା ମିଳିଛି। ଆଗକୁ ବିଧାନସଭା ନିର୍ବାଚନ ଆସୁଥିବା ବେଳେ ବିଜେପି ନାରୀ-କେନ୍ଦ୍ରୀୟ ସ୍କିମ୍ କରି ନିର୍ବାଚନୀ ବୈତରଣୀ ପାର ହେବାକୁ ଯୋଜନା କରିଥିବା ଆଲୋଚନା ହେଉଛି। ଉଭୟ ଲୋକସଭା ଓ ରାଜ୍ୟ ବିଧାନସଭାରେ ମହିଳାମାନଙ୍କୁ ୩୩% ସଂରକ୍ଷଣ ଦେବାକୁ ବିଲ୍ ପାରିତ ହୋଇ ସାରିଥିବା ବେଳେ ଏହି କ୍ଷେତ୍ରରେ ମଧ୍ୟପ୍ରଦେଶ ସରକାର ଦୁଇ ପାଦ ଆଗରେ ଅଛନ୍ତି। ମଧ୍ୟପ୍ରଦେଶ ଦେଶର ପ୍ରଥମ ରାଜ୍ୟ ଯିଏକି, ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନରେ ମହିଳାଙ୍କ ପାଇଁ ୫୦% ଆସନ ସଂରକ୍ଷଣ ବ୍ୟବସ୍ଥା କରିଛି। ଏହାବାଦ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ନେତୃତ୍ୱରେ କ୍ଷମତାରେ ଥିବା ବିଜେପି ସରକାର ମଧ୍ୟପ୍ରଦେଶରେ 'ମୁଖ୍ୟମନ୍ତ୍ରୀ କନ୍ୟାଦାନ ଯୋଜନା' ବି ଲଞ୍ଚ କରି ସାରିଛନ୍ତି। ଏହାପରେ ମଧ୍ୟପ୍ରଦେଶ ସରକାର 'ଲାଡଲି ବେହନା ଯୋଜନା' ଲଞ୍ଚ କରିଛନ୍ତି।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ଜାପାନୀ ଭାଷା ସାର୍ଟିଫିକେଟ ପାଠ୍ୟକ୍ରମର ଶୁଭାରମ୍ଭ

ଜୟପୁର, ୦୫/୧୦ (ନି.ପ୍ର): ଚଳିତ ଶିକ୍ଷାବର୍ଷ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିକାଶରଲକ୍ଷ୍ୟ ନେଇ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତକାଲି ଜାପାନୀ ଭାଷା ସାର୍ଟିଫିକେଟ୍ ପାଠ୍ୟକ୍ରମ ଉଦ୍ ଘାଟିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ ଏହି ପାଠ୍ୟକ୍ରମର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବେ ନୂଆଦିଲ୍ଲୀସ୍ଥିତ ଜାପାନୀ ଫାଉଣ୍ଡେସନର ନିର୍ଦ୍ଦେଶକ ସାଟୋ କୋଜି, ଭାରତରେ ଅବସ୍ଥାପିତ ଜାପାନର ରାଷ୍ଟ୍ରଦୂତଙ୍କ ପ୍ରତିନିଧି ସୁଶ୍ରୀ ହାକାମାତା ମାହୋ; ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବ ଏସୀୟ ଅଧ୍ୟୟନ ବିଭାଗର ପ୍ରଫେସର ନବିନ କୁମାର ପଣ୍ଡା ଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ବରିଷ୍ଠ ଅଧିକାରୀ ଓ ଉତ୍ସାହୀ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ। ପ୍ରଫେସର ତ୍ରିପାଠୀ ତାଙ୍କ ଅଭିଭାଷଣରେ ଜାପାନର କୃଷି, ପଶୁପାଳନ ଓ ଦୁଗ୍ଧ ବିଜ୍ଞାନ ଏବଂ ଜଙ୍ଗଲ ପରିଚାଳନାକ୍ଷେତ୍ରରେ ବୈଷୟିକ ଉନ୍ନତି ଉପରେ ଗୁରୁତ୍ୱାରୋପ କରିବା ସହ ଏହି କ୍ଷେତ୍ରରେ ଜାପାନ ଏକ ବିଶ୍ୱସ୍ତରୀୟ ନେତୃତ୍ୱ ବୋଲି ବର୍ଣ୍ଣନା କରିଥିଲେ । ଏହି ପାଠ୍ୟକ୍ରମ ମାଧ୍ୟମରେ ସ୍ନାତକ ଛାତ୍ରମାନେ କେବଳ ଜାପାନୀ ଭାଷା ଶିଖିବେ ନାହିଁ ବରଂ ବିଶ୍ୱବିଦ୍ୟାଳୟ ମାଧ୍ୟମରେ ଏହି ଉନ୍ନତ ଜ୍ଞାନକୌଶଳଭାରତକୁ ଆଣିବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ପ୍ରଫେସର ତ୍ରିପାଠୀ ଦୃଢ଼ ଭାବରେ ବିଶ୍ୱାସ କରିଥିଲେ ଯେ ବିଶ୍ୱବିଦ୍ୟାଳୟର ଏହି ପଦକ୍ଷେପ କୃଷି, ପଶୁପାଳନ ଓ ଦୁଗ୍ଧ ବିଜ୍ଞାନ ଏବଂ ଜଙ୍ଗଲ ପରିଚାଳନାକ୍ଷେତ୍ରରେ ଅଭ୍ୟାସକୁ ଯଥେଷ୍ଟ ବୃଦ୍ଧି କରିବ ଏବଂ ଏହି ଅଞ୍ଚଳ ଏବଂ ରାଷ୍ଟ୍ରର ବିକାଶରେ ସହାୟକ ହେବ । ପାଠପଢ଼ା ଓ ଗବେଷଣା ରେ ଧାନ ଦେଇ ଦେଶ ପାଇଁ ଜଣେ ଜଣେ ଦିଗଦର୍ଶକ ହେବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା, କୃଷି, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆମର ଛାତ୍ରଛାତ୍ରୀମାନେ ଶ୍ରେଷ୍ଠ ପ୍ରଦର୍ଶନ କରି ନୋବେଲ ବିଜେତା ହେବେ ବୋଲି ସେ ଆଶା ବ୍ୟକ୍ତ କରିଥିଲେ। ଏହା ସମଗ୍ର ରାଜ୍ୟ ପାଇଁ ଏକ ଐତିହାସିକ ମୁହୂର୍ତ୍ତ, କାରଣ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଇଷ୍ଟ ନୀତି ସହିତ ମିଶି ରାଜ୍ୟର ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ଜାପାନୀ ଭାଷା ପାଠ୍ୟକ୍ରମ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ନୂଆଦିଲ୍ଲୀସ୍ଥିତ ଜାପାନୀ ଫାଉଣ୍ଡେସନର ନିର୍ଦ୍ଦେଶକ ଶ୍ରୀ ସାଟୋ କୋଜି ସାମ୍ପ୍ରତିକ ପରିସ୍ଥିତିରେ ଜାପାନୀ ଭାଷା ଶିଖିଥିବା ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟରେ ଜାପାନୀ ଭାଷା ଶିକ୍ଷାର ଶୁଭାରମ୍ଭ ପାଇଁ ପ୍ରଫେସର ତ୍ରିପାଠୀଙ୍କ ମହତ୍ ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ, ଯାହା ଏହି ଅଞ୍ଚଳର ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ ସହ ଭାରତ ଏବଂ ଜାପାନ ମଧ୍ୟରେ ଅଧିକ ପାରସ୍ପରିକ ସହଯୋଗକୁ ପ୍ରୋତ୍ସାହିତ କରିବାର ପ୍ରତିଶ୍ରୁତି ବହନ କରିବ। ଖାଦ୍ୟ, ପରମ୍ପରା ଓ ଧର୍ମ ଦୃଷ୍ଟିରୁ ଜାପାନ ଓ ଓଡ଼ିଶା ମଧ୍ୟରେ ସାଂସ୍କୃତିକ ସମାନତା ଉପରେ ଆଲୋକପାତ କରିଥିଲେ ସୁଶ୍ରୀ ହାକାମାତା ମାହୋ। ଜାପାନୀ ଭାଷା ଶିଖିବା ଦ୍ୱାରା ଦୁଇ ଦେଶ ମଧ୍ୟରେ କିପରି ଲୋକମାନଙ୍କ ମଧ୍ୟରେ ଆଦାନ ପ୍ରଦାନକୁ ପ୍ରୋତ୍ସାହିତ କରାଯିବ ଏବଂ ପ୍ରଯୁକ୍ତିବିଦ୍ୟା, ଶିକ୍ଷା, ପର୍ଯ୍ୟଟନ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ ତାହା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ ନୂଆଦିଲ୍ଲୀରେ ଜି-୨୦ ଶିଖର ସମ୍ମିଳନୀ ରେ ଜାପାନ ଓ ଭାରତ ମଧ୍ୟରେ ଉତ୍ତମ ସମ୍ପର୍କକୁ ନେଇ ଉଭୟ ଦେଶର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ବୈଠକକୁ ମନେ ପକାଇ ଏହି ବିଶ୍ୱବିଦ୍ୟାଳୟ ଭାରତରେ ଜାପାନୀ ଶିକ୍ଷାର ଏକ କେନ୍ଦ୍ର ରେ ପରିଣତ ହେବ ବୋଲି ଆଶା ବ୍ୟକ୍ତ କରିଥିଲେ । ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବ ଏସୀୟ ଅଧ୍ୟୟନ ବିଭାଗର ମୁଖ୍ୟ ପ୍ରଫେସର ନବିନ କୁମାର ପଣ୍ଡା ଜାପାନୀ ଭାଷାରେ ଦକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ଭାରତର କର୍ପୋରେଟ୍ କ୍ଷେତ୍ର, ବିଶେଷକରି ଜାପାନରେ ଉପଲବ୍ଧ ଅନେକ ସୁଯୋଗ ବିଷୟରେ ଆଲୋକପାତ କରିଥିଲେ। ଜାପାନୀ ଭାଷା ଦକ୍ଷତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ଏବଂ ଜାପାନରେ ଉଚ୍ଚ ଶିକ୍ଷା ଗ୍ରହଣ କରିବା ର ସମ୍ଭାବନା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଜାପାନୀ ଭାଷାରେ ସାର୍ଟିଫିକେଟ୍ ପାଠ୍ୟକ୍ରମ ନାମରେ ନାମିତ ବର୍ତ୍ତମାନର ପାଠ୍ୟକ୍ରମ ହେଉଛି ପରବର୍ତ୍ତୀ ଦୁଇ ବର୍ଷ ପାଇଁ ଯୋଜନା କରାଯାଇଥିବା ଡିପ୍ଲୋମା ଏବଂ ଆଡଭାନ୍ସ ଡିପ୍ଲୋମା କୁ ଅନ୍ତର୍ଭୁକ୍ତ କରୁଥିବା ଶୃଙ୍ଖଳାର ପ୍ରଥମ ପାଠ୍ୟକ୍ରମ ।

# ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ଜନଅଭିଯୋଗର ସମାଧାନ

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଭୁବନେଶ୍ୱର, ବାଲିଅନ୍ତା ଓ ଜଟଣୀ ବ୍ଲକର ଆବାସିକ କଲୋନୀ ଗୁଡିକ ପାଇଁ ୩୯ କୋଟି ୨୫ ଲକ୍ଷ ଟଙ୍କାର ୪୨୯ଟି ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଗତ ଅଗଷ୍ଟ ମାସ ୨୩ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ୫ଟି ସଚିବ ଶ୍ରୀ ଭି.କେ. ପାଣ୍ଡିଆନଙ୍କ ଖୋର୍ଦ୍ଧା ଜିଲ୍ଲା ଗସ୍ତ ସମୟରେ ସମ୍ପୃକ୍ତ ଅଂଚଳବାସୀ ତାଙ୍କୁ ଭେଟି ଆବାସିକ କଲୋନୀଗୁଡିକର ରାସ୍ତା ଓ ବିଦ୍ୟୁତ ବ୍ୟବସ୍ଥା ପ୍ରତି ଦୃଷ୍ଟି ଆକର୍ଷଣ କରିବା ସହିତ ଏସବୁ ସମସ୍ୟାର ସମାଧାନ ପାଇଁ ସେମାନଙ୍କର ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ଏ ସମ୍ପର୍କରେ ୫ଟି ସଚିବ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ବୈଷୟିକ ଟିମ୍ ଗଠନ କରାଯାଇ ସେ ସବୁ ଅଂଚଳକୁ ଅନୁଧ୍ୟାନ ପାଇଁ ପଠାଯାଇଥିଲା। ବୈଷୟିକ ଟିମ୍ ସେସବୁ ଅଂଚଳରେ ୪୨୯ଟି ରାସ୍ତା ଯାହା ୮୨ କି.ମି.ରୁ ଉର୍ଦ୍ଧ୍ୱ ଅଂଚଳ ପରିମିତ ତାକୁ ଚିହ୍ନଟ କରି ଉନ୍ନତିକରଣ ଓ ବିଦ୍ୟୁତୀକରଣ ପାଇଁ ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟ ପାଇବାପରେ ୫ଟି ସଚିବ ସମ୍ପୃକ୍ତ ଆବାସିକ କଲୋନୀଗୁଡିକର ବାସିନ୍ଦାଙ୍କ ସହ ଗତ ସେପ୍ଟମ୍ବର ୨୭ ତାରିଖରେ ସେସବୁ ଅଂଚଳର ଉନ୍ନତିକରଣ ପାଇଁ ଆଲୋଚନା କରିଥିଲେ। ତଦନୁଯାୟୀ ମୁଖ୍ୟମନ୍ତ୍ରୀ ଏହି ୪୨୯ଟି ରାସ୍ତା ପ୍ରକଳ୍ପ ନିର୍ମାଣ ପାଇଁ ମଞ୍ଜୁରୀ ଦେଇଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱର ନିକଟ ଅତୀତରେ ଦ୍ରୁତ ପରିବର୍ଦ୍ଧିତ ହୋଇ ଜଟଣୀ ଓ ବାଲିଅନ୍ତା ଅଂଚଳକୁ ପରିବ୍ୟାପ୍ତ ହୋଇଛି। ସେସବୁ ଅଂଚଳରେ ବହୁ ଆବାସିକ କଲୋନୀ ଗଢି ଉଠିଛି। ଆବାସିକ କଲୋନୀଗୁଡିକରେ ଆଭ୍ୟନ୍ତରୀଣ ରାସ୍ତା ଓ ବିଦ୍ୟୁତୀକରଣ ସମସ୍ୟା ଦୀର୍ଘ ଦିନର ଦାବୀ ଥିଲା। ସୂଚନାଯୋଗ୍ୟ ଯେ, ୪୨୯ଟି ରାସ୍ତା ପ୍ରକଳ୍ପ ମଧ୍ୟରେ ଭୁବନେଶ୍ୱର ବ୍ଲକରେ ୧୪୦ଟି, ଜଟଣୀ ବ୍ଲକରେ ୨୪୬ଟି ଓ ବାଲିଅନ୍ତା ବ୍ଲକର ୪୩ଟି ପ୍ରକଳ୍ପ ରହିଛି। ଏସବୁ ଅଂଚଳରେ ରାସ୍ତା ନିର୍ମାଣ, ଉନ୍ନତିକରଣ ଓ ବିଦ୍ୟୁତୀକରଣ କାର୍ଯ୍ୟ କରାଯିବ। ଏହି ସବୁ ପ୍ରକଳ୍ପ ମାଧ୍ୟମରେ ୩ ଲକ୍ଷରୁ ଅଧିକ ଜନସାଧାରଣ ଉପକୃତ ହେବେ। ପ୍ରକଳ୍ପ କାର୍ଯ୍ୟ ୩ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

# ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା, ୦୫/୧୦ (ନି.ପ୍ର): ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ାରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜୋନ୍ ନଂ. ୫ ଓ ଜୋନ୍ ନଂ. ୭ର ଏକ ମିଳିତ ପ୍ରସ୍ତୁତି ବୈଠକ ଗରାପୁର କଂଗ୍ରେସ କାର୍ଯ୍ୟାଳୟ ଠାରେ ବ୍ଲକ କଂଗ୍ରେସ ସଭାପତି ଚିତ୍ରସେନ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଅଛି । ଚଳିତ ଅକ୍ଟୋବର ୦୮ରେ ଜୋନ୍ ନଂ ୭ ଓ ଅକ୍ଟୋବର ୧୩ ରେ ଜୋନ୍ ନଂ ୫ ରେ ଏହି କାର୍ଯ୍ୟକ୍ରମ ପଦଯାତ୍ରା ସହ ଏହି କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତୁତି ବୈଠକରେ ନିଷ୍ପତି ନିଆଯାଇଛି । ପଦଯାତ୍ରାରେ ଲୋକ ସମ୍ପର୍କ ପ୍ରତିଷ୍ଠା କରିବା ଓ ଉଭୟ କେନ୍ଦ୍ର ବିଜେପି ଓ ରାଜ୍ୟ ବିଜେଡି ସରକାରର ବହୁବିଧ ବିଫଳତା ବାବଦରେ ଲୋକମାନଙ୍କୁ ଅବଗତ କରିବାକୁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି । ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ବୈଠକରେ ଯୋଗଦେଇ କହିଥିଲେ ଯେ ନିରବଚ୍ଛିନ୍ନ ଉଦ୍ୟମ, ଐକ୍ୟବଦ୍ଧ ଉଦ୍ୟମ ଓ ନିଷ୍ଠାପର ଉଦ୍ୟମ ବଳରେ 'ଆମେ ବିଧାନସଭା' ଯିବାର ଆହ୍ୱାନକୁ ସଫଳ କରାଯାଇ ପାରିବ । ସମସ୍ତ ବନ୍ଧୁମାନେ ଏଥିପ୍ରତି ସଚେତନ ରହିବାକୁ ସେ ପରାମର୍ଶ ଦେଇଥିଲେ । ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହେରା ନିର୍ନାଚନ ଠାରୁ ନିର୍ବାଚନ ପ୍ରସ୍ତୁତି ସମୟ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏବେଠାରୁ କେନ୍ଦ୍ରାପଡାରେ ସମସ୍ତ ଦଳୀୟ କାର୍ଯ୍ୟକ୍ରମ ପ୍ରଭାବଶାଳୀ ଢଙ୍ଗରେ କରିବାକୁ ମତ ଦେଇଥିଲେ । ବ୍ଲକ କଂଗ୍ରେସ ସଭାପତି ଚିତ୍ରେସେନ ପରିଡା ଆଗାମୀ ସାଧାରଣ ନିର୍ବାଚନ ଦୃଷ୍ଟିରୁ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ ପ୍ରତ୍ୟେକ ଜୋନ୍‌ରେ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ପିସିସି ସଭ୍ୟ ପ୍ରଫୁଲ୍ଲ ଦାସ, ଜିଲ୍ଲା କିଷାନ କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପରିଡା, ପୂର୍ବତନ ବ୍ଲକ ଚେୟାରମ୍ୟାନ କଳାକାର ମଲ୍ଲିକ, କେନ୍ଦ୍ରାପଡା ବ୍ଲକ କଂଗ୍ରେସ ଦଳୀୟ ସଭାପତି ପ୍ରଭାତ କୁମାର ଉଡାଣ ସିଂ, ବରିଷ୍ଠ ଦଳୀତ ନେତା ବସନ୍ତ କୁମାର ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଲକ୍ଷ୍ମୀଧର ପଲାଇ, ପୂର୍ବତନ ସରପଂଚ ପ୍ରଶାନ୍ତ କୁମାର ବିଶ୍ୱାଳ, ପୂର୍ବତନ ସରପଂଚ ରାଜନ ଥାଟୋଇ, ବରିଷ୍ଠ କଂଗ୍ରେସ ନେତା ଶେଖ ମନାନ, କଂଗ୍ରେସ ନେତା ଅକ୍ଷୟ କୁମାର ଦାସ, ଦଳୀତ ନେତା ସରୋଜକାନ୍ତ ମଲ୍ଲିକ, ପଂଚାୟତ ସଭାପତି କୃଷ୍ଣଚନ୍ଦ୍ର ମଲ୍ଲିକ, ଯୁବ ନେତା ନିର୍ମଳ ଚନ୍ଦ୍ର ସାହୁ ଓ ପଂଚାୟତ ସଭାପତ ସଚିଦାନନ୍ଦ ନାୟକ ବକ୍ତବ୍ୟ ରଖି ଉଭୟ ଅକ୍ଟୋବର ୮ ଓ ୧୩ କାର୍ଯ୍ୟକ୍ରମ ସଫଳ ନିମନ୍ତେ ସମସ୍ତ ଉଦ୍ୟମ କରିବାକୁ ଘୋଷଣା କରିଥିଲେ ।

# ବିଜେପିର ନୂତନ ମଣ୍ଡଳ ସଭାପତିଙ୍କ ସମ୍ବର୍ଦ୍ଧନା ସହ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ

ହରିଚନ୍ଦନପୁର, ୦୫/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ହରିଚନ୍ଦନପୁର ନୂତନ ମଣ୍ଡଳ ସଭାପତିଙ୍କ ସମ୍ବର୍ଦ୍ଧନା ସଭା ସହ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ ହୋଇଯାଇଛି । ଖବର ମୁତାବକ ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ଗ୍ରାମାଞ୍ଚଳରେ ସଙ୍ଗଠନକୁ ସୃଦୃଢ଼ କରିବା ଆଶାରେ ନୂତନ ମଣ୍ଡଳ ସଭାପତି ଚୟନ ସହ ନୂତନ କାର୍ଯ୍ୟାଳୟର ଶୁଭ ଉଦ୍ଘାଟନ କରିଛି । ହରିଚନ୍ଦନପୁର ବିଜେପି ପୂର୍ବରୁ ପୁରୁଣା ବୟସ୍କଙ୍କୁ ସଭାପତି ପଦରେ ନିଯୁକ୍ତି ଦେଉଥିବା ବେଳେ ଏଥର ଯୁବପିଢିଙ୍କୁ ସମ୍ମୁଖରେ ରଖି ନିର୍ବାଚନ ଆସନକୁ ହାତେଇବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଯାହାକୁ ନେଇ ଆଜି ଠାକୁରପଡା କଲ୍ୟାଣ ମଣ୍ଡପରେ ମନୋଜ ମହାନ୍ତଙ୍କୁ ମଣ୍ଡଳ ସଭାପତି ଭାବେ ସମ୍ବର୍ଦ୍ଧିତ କରିବା ପରେ କଲେଜ୍ ଛକ ନିକଟରେ ଏକ ନୂତନ କାର୍ଯ୍ୟାଳୟର ଉଦଘାଟନ କରି ଶୁଭାରମ୍ଭ କରିଛି । କାର୍ଯ୍ୟକ୍ରମରେ ମଣ୍ଡଳର ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ସମର୍ଥକ ଓ ସମାଜସେବୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ଏହି ସମସ୍ତେ ନୂତନ ମଣ୍ଡଳ ସଭାପତି ମନୋଜ ମହାନ୍ତଙ୍କ ସହ ମିଶି ଦଳକୁ ଗ୍ରାମାଞ୍ଚଳରୁ ସୃଦୃଢ କରିବା ସହ ଦଳୀୟ କାର୍ଯ୍ୟକ୍ରମଙ୍କୁ ଆଗକୁ ବଢେଇ ନେବା ପାଇଁ ନିଷ୍ପତି ନେବା ସହ ସପଥ ପାଠ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲାପରିଷଦ ପାର୍ଥୀ ଜଗବନ୍ଧୁ ମୋଦୀ, ପୂର୍ବତନ ବ୍ଲକ କୋଷାଧ୍ୟକ୍ଷ ରମାକାନ୍ତ ନାୟକ, ବାବୁଲି ଚରଣ ସାହୁ, ମଣ୍ଡଳ ଉପ ସଭାପତି ଦୁଷ୍ମନ୍ତ ମହାନ୍ତ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ପ୍ରେମ୍ ପ୍ରକାଶ ମୁଣ୍ଡା, କରୁଣାକର ମହାନ୍ତ, ଚଗୁଲୁ ମହାକୁଡ଼, ଅଜିତ ମହାନ୍ତ, ରତ୍ନାକର ମହାନ୍ତ, ନିର୍ମଳ ସାହୁ, ଶୈଳ ଚନ୍ଦ୍ର ନାଏକ, ସତ୍ୟାନନ୍ଦ ସାହୁ, ବାବାଜୀ ପାତ୍ର, ଅନିଲ ମହାରଣା, ଗୋପବନ୍ଧୁ ସାହୁ, ମଙ୍ଗଳ ମୁଣ୍ଡା, କୁନା ସାହୁ, ଧିରେନ ମହାରଣା, ଫକୀର କିଶାନଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ସିନିୟର ନକଆଉଟ ଫୁଟବଲ ଏକାଦଶ ତମ ଦିବସ

## କୁରସୁଡ, ଜରାସିଂହା, ଏପିଜେ ଲୋଇସିଂହା, ନକଟାସର, କାଲସାଏପାଲି, ବଙ୍ଗୋମୁଣ୍ଡା, ଅମାମୁଣ୍ଡା, ସିସିଏଫ୍‌ଏ ବିଜୟୀ

ବଲାଙ୍ଗୀର, ୦୫/୧୦ (ନି.ପ୍ର): ବଲାଙ୍ଗୀର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ୮ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି। ଖୋଲାନ ଖେଳ ପଡିଆରେ କୁରସୁଡ ଦଳ ୩-୧ ଗୋଲରେ ଗୁଲମି ଦଳକୁ ହରାଇ ଜୋନ ଚମ୍ପିୟାନ ହୋଇଛି। ଖେଳକୁ ମଳୟ ଘିଭେଲା, କର୍ଣ୍ଣ ଭୋଇ, ପ୍ରମୋଦ ରଣା ଓ ସନ୍ନ୍ୟାସି ନାଏକ ପରିଚାଳନା କରିଥିଲେ। ଅତିଥି ଭାବରେ ନରେଶ ଅଗ୍ରୱାଲ ଯୋଗ ଦେଇଥିଲେ। ଜରାସିଂହା ପଡିଆରେ ଜରାସିଂହା ୭-୦ ଗୋଲରେ ହାତିସରା କୁ ହରାଇ ବିଜୟୀ ହୋଇଛି। ଖେଳକୁ ସଞ୍ଜନ କୁଦେଇ, କୈଳାସ ଚନ୍ଦ୍ର କର୍ତି, ଶ୍ରୀବତ୍ସ ମେହେର ଓ କୁନ୍ତେ ମେହେର ପରିଚାଳନା କରିଥିଲେ। ଅତିଥି ଭାବରେ ପୂର୍ବତନ ଫୁଟବଲ ଖେଳାଳି ସଚିଦାନନ୍ଦ ପାଢି ଯୋଗ ଦେଇଥିଲେ। ଚୁଡାପାଲି ଖେଳ ପଡିଆରେ ନକଟାସର ଦଳ ରେଙ୍ଗଟାସିଲ ଦଳକୁ ୪-୦ ଗୋଲରେ ହରାଇ ବିଜୟୀ ହୋଇଛି। ଖେଳକୁ ଉମେଶ ଚନ୍ଦ୍ର ଭୋଇ, ମଂଟୁ ବେହେରା, ପୁରୁଷୋତମ ବୁଡେକ ଓ ବୈକୁଣ୍ଠ ଜେନା ପରିଚାଳନା କରିଥିଲେ। ଅତିଥି ଭାବରେ ପୂର୍ବତନ ଖେଳାଳି ଅରୁଣ ପଟେଲ ଓ ନିଳମଣି ଦଣ୍ଡସେନା ଯୋଗ ଦେଇଥିଲେ। ଖୁଜେନପାଲି ପଡିଆରେ କାଲସାଏ ପାଲି ଟାଇବ୍ରେକର ୪-୨ ଗୋଲରେ ଖଲିଆପାଲି ଦଳକୁ ହରାଇ ବିଜୟୀ ହୋଇଛି। ଖେଳକୁ ସୁଶାନ୍ତ କୁମାର ନାଗ, ପ୍ରଫୁଲ୍ଲ ବଗର୍ତି, ନରସିଂ ସ୍ୱାମୀ ନାଇଡୁ ଓ ଜ୍ୟୋତି ମହାନନ୍ଦ ପରିଚାଳନା କରିଥିଲେ। ଅତିଥି ଭାବରେ ପୂର୍ବତନ ସଦର ବ୍ଲକ ଅଧ୍ୟକ୍ଷ ଗୁଲାପ ବାଗ, ଜିଲ୍ଲା କ୍ରୀଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂହ, କ୍ରୀଡା ସଂପାଦକ ବିଭୁତି ଭୂଷଣ ପଣ୍ଡା ଓ ଜିଲ୍ଲା କ୍ରୀଡା ଅଧିକାରୀ ପରାଶର ବାଗ ଯୋଗ ଦେଇଥିଲେ। ହଲଦି ପଡିଆରେ ବଙ୍ଗୋମୁଣ୍ଡା ଟାଇବ୍ରେକର ୨-୦ ଗୋଲରେ ଘୁସୁରାମୁଣ୍ଡା ଦଳକୁ ହରାଇ ବିଜୟୀ ହୋଇଛି। ଖେଳକୁ ଆଶିର୍ବାଦ ସା, ଅଶ୍ୱିନୀ ଭୁକ୍ତା, ପାଣ୍ଡବ ବିଶି ଓ ରିଙ୍କୁ ବିଶି ପରିଚାଳନା କରିଥିଲେ। ଅତିଥି ଭାବରେ ମୁରିବାହାଲ ଅଧକ୍ଷ ହରିବନ୍ଧୁ ମେହେର, ସିଦ୍ଧେଶ୍ୱର ଦାଶ ନୋମିନି ଲୋକସଭା, ସମିତି ସଭ୍ୟ ସନ୍ନ୍ୟାସି ପୁଟେଲ ଯୋଗ ଦେଇଥିଲେ। ସାଇଟ ପଡିଆରେ ଅମାମୁଣ୍ଡା ଦଳ ୧-୦ ଗୋଲରେ ଆଗଲପୁର ୧୧ ଦଳକୁ ହରାଇ ବିଜୟୀ ହୋଇଛି। ଖେଳକୁ ସୁରେଶ ନାଏକ, ସୁଦର୍ଶନ ସେଠ, ସଞ୍ଜିବ ମହାରଣା ଓ ସୁଧାଂଶୁ ସେଠ ପରିଚାଳନା କରିଥିଲେ। ଅତିଥି ଭାବରେ ପୂର୍ବତନ ଫୁଟବଲ ଖେଳାଳି ଗୁରୁଡଧ୍ୱଜ ସାଏ ଓ ସାଇଟର ଆଦିତ୍ୟ ତ୍ରିପାଠୀ ଯୋଗ ଦେଇଥିଲେ। ଲୋଇସିଂହା ଷ୍ଟାଡିୟମରେ ଏପିଜେ ଲୋଇସିଂହା ୧-୦ ଗୋଲରେ ସୁଜିଆ ଦଳକୁ ହରାଇ ବିଜୟୀ ହୋଇଛି। ଖେଳକୁ ଦେବାଶିଷ ବାଗ, ଜିତେନ୍ଦ୍ର ପାତ୍ର, କରୁଣାକର ପ୍ରଧାନ ଓ ରେଶନ ମେହେର ପରିଚାଳନା କରିଥିଲେ। ଟାଉନ ହାଇସ୍କୁଲ ଖେଳ ପଡିଆରେ ସିସିଏଫ୍‌ଏ ୮-୧ ଗୋଲରେ ଡିଏଫ୍‌ଏ ଡୁଙ୍ଗୁରିପଡା କୁ ହରାଇ ବିଜୟୀ ହୋଇଛି। ଖେଳକୁ ସୁଦୟ କୁମାର ବାରିକ, ରାଜେନ୍ଦ୍ର ସେଠ, ବିକି ବିଶି ଓ ଶୁଭ୍ରାଂଶୁ ରାଉତ ପରିଚାଳନା କରିଥିଲେ। ଅତିଥି ଭାବେ ଘରୋଇ ବସ ମାଲିକ ହିମାଂଶୁ ନାୟକ ଓ ଲକ୍ଷ୍ମୀକାନ୍ତ ସାହୁ ଯୋଗ ଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# ଝୁମ୍ପୁରା ବିଡ଼ିଓ ହୃଦନନ୍ଦ ଅଡାଙ୍କୁ ଓଡିଶା କୁଡୁମି ସେନାର ସମର୍ଦ୍ଧନା

ଚମ୍ପୁଆ, ୦୫/୧୦ (ନି.ପ୍ର): ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ ରେ ନୂତନ ଭାବରେ ଯୋଗଦାନ କରିଥିବା ଝୁମ୍ପୁରା ବିଡ଼ିଓ ହୃଦାନନ୍ଦ ଅଡ଼କ୍ଷ ଙ୍କୁ ବ୍ଲକ କାର୍ଯ୍ୟାଳୟ ଠାରେ ଓଡିଶା କୁଡୁମି ସେନା ର ରାଜ୍ୟଉପସଭାପତି ଶ୍ରୀ ମିତ୍ରଭାନୁ ମହାନ୍ତ, ୦୪ ନମ୍ବର ଜୋନ ଜିଲ୍ଲାପରିଷଦ ସଦସ୍ୟା ଶ୍ରୀମତି ଲୀଳାବତୀ ମହାନ୍ତ, ରାଜ୍ୟ ଯୁବସାଧାରଣ ସମ୍ପାଦକ ଶ୍ରୀ ବିଶ୍ୱଜିତ ମହାନ୍ତ, ଶ୍ରୀ କୁଳମଣି ମହାନ୍ତ, ଶ୍ରୀ ତ୍ରିଲୋଚନ ମହାନ୍ତ, ବିଜୟ ମହାନ୍ତ, ରିଜୁ ମହାନ୍ତ, ଶ୍ରୀମତି ମଲ୍ଲୀ ମହାନ୍ତ ପ୍ରଭୁତି କର୍ମକର୍ତା ମାନେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ ଓ ତାଙ୍କର ଉତ୍ତରତୋର କାମନା କରି ବ୍ଲକ ଅଂଚଳ ର ବିକାଶ ଓ ଗଠନ ମୂଳକ କାର୍ଯ୍ୟକ୍ରମ ସମ୍ପର୍କ ରେ ସେନାର କାର୍ଯ୍ୟକର୍ତା ଆଲୋଚନା କରିଥିବା ଜଣାଯାଇଛି ।

# ବନ୍ଧୁକ, ଗୁଳି କାର୍ ସହ ଲକ୍ଷାଧିକ ଟଙ୍କାର ଗଞ୍ଜେଇ ଜବତ: ୩ କୋର୍ଟ ଚାଲାଣ

ସମ୍ବଲପୁର , ୦୫/୧୦ (ନି.ପ୍ର): ପୋଲିସ ଓ ଅବକାରୀ ବିଭାଗ ଯେତେ କଡ଼ା ଆଭିମୁଖ୍ୟ ଗ୍ରହଣ କଲେ ମଧ୍ୟ ସମ୍ବଲପୁର ଜିଲ୍ଲାରେ ମାଦକ ଦ୍ରବ୍ୟ ଚୋରାଚାଲାଣ ଥମିବାର ନାଁ ନେଉନାହିଁ। ଏପରିକି ପୋଲିସ ଓ ଅବକାରୀ ବିଭାଗର କଟକଣାକୁ ଏଡ଼ାଇବା ପାଇଁ ମାଫିଆ ମାନେ ମଧ୍ୟ ନୁଆନୁଆ ପଇଁତରା ଆପଣାଉଥିବା ଆଜି ଦେଖିବାକୁ ମିଳିଥିଲା । ଆଜି ସମ୍ବଲପୁର ଜିଲ୍ଲା ଅବକାରୀ ବିଭାଗ ଶାସନ ଟୋଲ୍ ପ୍ଲାଜା ନିକଟରେ ବରଗଡ଼ ଆଡୁ ଆସୁଥିବା ଏକ କାରକୁ ଅଟକାଇ ଯାଂଚ୍ କରିବା ପରେ ୬ ବସ୍ତା ଗଞ୍ଜେଇ ଥିବା ଜଣା ପଡ଼ିଥିଲା । ବିଭାଗ ଉକ୍ତ ଗଞ୍ଜେଇ ଜବତ କରିବା ସହ କାରରେ ଥିବା ତିନି ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ ବରଗଡ ସୋହେଲା ଆଡୁ ସନ୍ଦେହଜନକ ଭାବେ ଏକ କାରକୁ ଦେଖି ଶାସନ ଟୋଲ୍ ପ୍ଲାଜା ନିକଟରେ ଅବକାରୀ ବିଭାଗ କର୍ମଚାରୀ ମାନେ ଅଟକାଇ ଯାଂଚ୍ କରିଥିଲେ । କାରରେ ଆର୍ମି ଲେଖା ଥିବା ବେଳେ କାରରେ ବସିଥିବା ବ୍ୟକ୍ତି ନିଜକୁ ଭାରତୀୟ ପରିଯୋଜନାର କର୍ମଚାରୀ ବୋଲି ପରିଚୟପତ୍ର ଦେଖାଇ ଉତ୍ତରପ୍ରଦେଶ ଅଭିମୁଖେ ଯାଉଥିବା ସୂଚନା ଦେଇଥିଲେ । ମାତ୍ର ଯାଂଚ୍ ବେଳେ କାର୍ ରୁ ଗଞ୍ଜେଇ ଜବତ ପରେ ସେମାନେ ଦେଖାଇଥିବା ପରିଚୟପତ୍ର ଜାଲ ବୋଲି ମଧ୍ୟ ଜଣାପଡିଥିଲା । ଶେଷ ସମୟରେ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ ଓ ଦୁଇଟି ଗୁଳି ମଧ୍ୟ ଜବତ କରାଯାଇଥିଲା । ଜବତ ଗଞ୍ଜେଇର ମୂଲ୍ୟ ପ୍ରାୟ ୨୨ ଲକ୍ଷରୁ ଉର୍ଦ୍ଧ୍ୱ ଆକଳନ କରାଯାଇଥିବା ବେଳେ ମାଦକ ଦ୍ରବ୍ୟ ଚାଲାଣକାରୀଙ୍କ ପରିଚୟପତ୍ର ଧୂର୍ତ୍ତାମୀ ଓ ଗାଡ଼ିରେ ଆର୍ମି ସୂଚନା ପ୍ରଦର୍ଶନ କରିବା ଘଟଣା ସଂପ୍ରତି ବୁଦ୍ଧିଜୀବୀ ମହଲରେ ଗଭୀର ଆଲୋଡ଼ନ ସୃଷ୍ଟି କରାଇଛି । ଆଗାମୀ ଦିନରେ ମାଦକ ଦ୍ରବ୍ୟ ଚୋରା ଚାଲାଣକାରୀଙ୍କ ପ୍ରତି ପ୍ରଶାସନ କି ପ୍ରକାରର କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ତାକୁ ନେଇ ବେଶ୍ ପ୍ରଶ୍ନବାଚୀ ସୃଷ୍ଟି କରାଇଛି ।

# ଗ୍ରାମୀଣ ଡାକ ସେବକ ସଂଘର ଦିନିକିଆ ଧର୍ମଘଟ ଧାରଣା

ଜୟପୁର, ୦୫/୧୦ (ନି.ପ୍ର): କେନ୍ଦ୍ର ସଂଘର ନିର୍ଦ୍ଦେଶ କ୍ରମେ ଅଖିଳ ଭାରତ ଗ୍ରାମୀଣ ଡାକ ସେବକ ସଂଘ ପକ୍ଷରୁ ଦିନିକିଆ ଧର୍ମଘଟ ଧାରଣା ଦିଆଯାଇଛି । ୩ ଦଫା ଦାବି ନେଇଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଡାକ କର୍ମଚାରୀ ମାନେ ଧାରଣାରେ ବସିଛନ୍ତି। କୋରାପୁଟ ଡିଭିଜନ ଅଧିନରେ ଥିବା ୬ଟି ସବ ଡିଭିଜିନରେ ଧାରଣା ଦିଆଯାଇଛି । ଜୟପୁର ସ୍ଥିତ କୋରାପୁଟ ଡାକ ଡିଭିଜିନ କାର୍ଯ୍ୟାଳୟ ସମ୍ମୁଖରେ ସମ୍ପାଦକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ଧାରଣା ଦିଆଯାଇଛି । ସଂଘର ଦାବି ଗୁଡିକ ହେଲା କମିଶନ ଦେଇ ଜି.ଡି.ଏସ ମାନଙ୍କ ଦ୍ୱାରା ଯେଉଁ କାର୍ଯ୍ୟ କରାଯାଉଛି ତାହା ବନ୍ଦ କରି କାର୍ଯ୍ୟ ସମୟସୀମାକୁ ନେଇ ୮ ଘଣ୍ଟା କରାଯାଇ ବିଭାଗର ସମସ୍ତ ସୁବିଧା ଦିଆଯାଉ ଓ ପେନସନ ଲାଗୁ କରାଯାଉ, ଟାର୍ଗେଟ ନାମରେ ଜିଡି ଏସ ମାନଙ୍କୁ ହାରାସମେଣ୍ଟ କରିବା , ଧମକ ଦେବା ଦରମା ବନ୍ଦ କରିବା ପଦକ୍ଷେପକୁ ବନ୍ଦ କରାଯାଉ, କମଲେଶ୍ ଚନ୍ଦ୍ର କମିଟି ସୁପାରିଶ କରିଥିବା ସମସ୍ତ ସାକାରତ୍ମାକ ରିପୋର୍ଟକୁ ଶିଘ୍ର ଲାଗୁ କରାଯାଉ । ଯେପରି ପ୍ରତି ୧୨ ବର୍ଷରେ ୨ଟି ଇନକ୍ରିମେଣ୍ଟ ଦେବା, ଗ୍ରୁପ ଇନସୁରେନ୍ସକୁ ୫ ଲକ୍ଷକୁ ବୃଦ୍ଧି କରିବା, ଗ୍ରେଚ୍ୟୁଟି ମୁଲ୍ୟ ୫ ଲକ୍ଷ କୁ ବୃଦ୍ଧି କରିବା ଆଦି ରହିଛି । ୩ଦଫା ଦାବି କେନ୍ଦ୍ର ସରକାରୀ ତୁରନ୍ତ ପୁରଣ ନକଲେ ଆସନ୍ତା ଡିସେମ୍ବର ୫ ତାରିଖରୁ ଅାନିର୍ଦ୍ଦିଷ୍ଟ କାଳ ଯାଏ ଧର୍ମଘଟ କରାଯାଇ ସମ୍ପୂର୍ଣ୍ଣ ଡାକଘରକୁ ଅଚଳ କରି ଦିଆଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି ।

# ସମ୍ବଲପୁରରେ ରାସ୍ତା ସମସ୍ୟା ସୁଧୁରିବ କେବେ ?


ସମ୍ବଲପୁର , ୦୫/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲାରେ ବିଭିନ୍ନ ମହଲରେ ରାଜନୀତି ସକ୍ରିୟ ରହିଥିବା ବେଳେ କୌଣସି ଦଳର ନେତାଙ୍କ ଅଭାବ ନାହିଁ । ମାତ୍ର ଦୁଃଖ ଓ ପରିତାପର ବିଷୟ ନେତାମାନେ ମାତ୍ରାଧିକ ରାଜନୀତିରେ ସକ୍ରିୟ ରହୁଥିବା ଯୋଗୁଁ ଜନସାଧାରଣଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ମିଳିପାରିନାହିଁ । ଏବେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେଉଁ ସମସ୍ୟା ଉଭା ହୋଇଛି ତାହା ଜିଲ୍ଲା ସଦର ମହକୁମାରେ ମାତ୍ରାଧିକ ପରିମାଣରେ ଜନସାଧାରଣଙ୍କୁ ବ୍ୟଥିତ କରାଉଛି । କାରଣ ଜିଲ୍ଲା ସଦର ମହକୁମାରେ ସରକାରଙ୍କ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ସମେତ ଖୋଦ୍ ଜିଲ୍ଲାପାଳ ମଧ୍ୟ ରହୁଛନ୍ତି, ଏଥିସହ ସାଂସଦଙ୍କ ଠାରୁ ଆରମ୍ଭ କରି ବହୁ ବିଧାୟକ ମାନଙ୍କର ସର୍ବଦା ଯଆ-ଆସ ରହିଛି । ଦୁଃଖର ବିଷୟ ସହରର ପ୍ରମୁଖ ରାସ୍ତା ମଧ୍ୟରେ ବୁଢାରଜା ଠାରୁ ଅଇଁଠାପାଲି, ଜେଲ ଛକ ଠାରୁ ନକ୍ସା ପାଲି, ପୀରବାବା ଛକ ଠାରୁ କୁଞ୍ଜେଲପଡା ଛକ, କଚେରି ଛକ ଠାରୁ ଜିଏମ କଲେଜ, ଅଶୋକା ଟକିଜ୍ ଛକ ଠାରୁ ସରଲାକାନି ଜାତୀୟ ରାଜପଥ ଛକ, କୁଞ୍ଜେଲପଡା ଛକରୁ ବଡ଼ବଜାରର ଛକ, ବଡ଼ବଜାରରୁ କ୍ଷେତରାଜପୁର ଷ୍ଟେସନ୍, କ୍ଷେତରାଜପୁରରୁ ଫାଟକ ସମେତ ବହୁ ବ୍ୟସ୍ତ ବହୁଳ ରାସ୍ତା ଗୁଡ଼ିକ କେଉଁଠି ସଙ୍କୀର୍ଣ୍ଣ ତ କେଉଁଠି ଖାଲଢିପରେ ମରଣଯନ୍ତାର କାର୍ଯ୍ୟ କରୁଛି । ଜିଲ୍ଲା ସଦର ମହକୁମାରେ ଦୁର୍ଘଟଣା ଠାରୁ ଆରମ୍ଭ କରି ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାର କାରଣ ମଧ୍ୟ ଏହି ରାସ୍ତା ସମସ୍ୟା ବୋଲି ବିଭିନ୍ନ ମହଲରୁ ଅଭିଯୋଗ ହେଉଛି । ସମ୍ବଲପୁର ଜିଲ୍ଲା ସଦର ମହକୁମାରେ ରାସ୍ତା ସମସ୍ୟା ଏକ ମୁଖ୍ୟ ପ୍ରମୁଖ ସମସ୍ୟା ହୋଇଥିଲେ ମଧ୍ୟ ଏହାର ସମାଧାନ ଦିଗରେ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ସହ ପ୍ରଶାସନିକ ଶୀଥିଳତା ସାଧାରଣରେ ଅନିଶ୍ଚିତତା ସୃଷ୍ଟି କରାଇଛି । ମାତ୍ର ଦୁର୍ଭାଗ୍ୟ ଆଗାମୀ ୨୦୨୪ ନିର୍ବାଚନ ପାଇଁ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ଜୋରଦାର ପ୍ରସ୍ତୁତି କରିବା ଓ ସରକାରଙ୍କ ଆଗାମୀ ସମସ୍ତ ଆଦେଶ ପାଳନ ପାଇଁ ପ୍ରଶାସନିକ ଅଧିକାରୀ ମାନେ ତତ୍ପରତା ପ୍ରକାଶ କରୁଥିବା ବେଳେ ସହରବାସୀଙ୍କ ପାଇଁ ପ୍ରମୁଖ ସମସ୍ୟାରେ ଥିବା ରାସ୍ତାଘାଟ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥାରେ କେବେ ସୁଧାର ଆସିବ ତାହା ମୁଖ୍ୟ ପ୍ରଶ୍ନ ହୋଇଛି ।

# ଚମ୍ପୁଆରେ ଶୌର୍ଯ୍ୟ ଜାଗରଣ ଯାତ୍ରା

ଚମ୍ପୁଆ, ୦୫/୧୦ (ନି.ପ୍ର): ଓଡିଶା ପୂର୍ବପ୍ରାନ୍ତର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଆନୁକୂଲ୍ୟରେ ଶୌର୍ଯ୍ୟ ଜାଗରଣ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ଶାଖାର ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର କାର୍ଯ୍ୟକର୍ତ୍ତାଙ୍କ ସହ ଚମ୍ପୁଆ ନଗରର ସମସ୍ତ ଆଧାତ୍ମିକ ଧର୍ମୀ ସଂଗଠନ ଓ ଜନ ସାଧାରଣ ସାମିଲ ହୋଇଥିଲେ କ୍ଷ ଏହି ଶୌର୍ଯ୍ୟ ଜାଗରଣ ଯାତ୍ରା ରଥ ର ନଗର ପରିକ୍ରମା ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟ ଠାରୁ ଆରମ୍ଭ ହୋଇ ଶିବ ମନ୍ଦିର ନିକଟ ଯାତ୍ରା ପଡିଆ ଠାରେ ପହଂଚି ଥିଲା । ସେଠାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ର ଚମ୍ପୁଆ ନଗର ସଭାପତି ଅଧ୍ୟାପକ ଗିରିଜା ଶଙ୍କର କରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ମୁଖ୍ୟବକ୍ତା ଭାବେ ମୟୁରଭଞ୍ଜ ବିଭାଗ ବିଶ୍ୱ ହିନ୍ଦୁ ପରିଷଦ ସମ୍ପାଦକ ଘନଶ୍ୟାମ ମହାନ୍ତ । ଯୋଗ ଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବଜରଙ୍ଗ ଦଳ କେନ୍ଦୁଝର ଜିଲ୍ଲା ସଂଯୋଜକ କୁମାର ଦାସ, ଜାଗରଣ ସ୍ୱାଗତ ସମିତିର ସମ୍ପାଦକ ଦେବେନ୍ଦ୍ର କୁମାର ଗିରି ଯୋଗ ଦେଇଥିଲେ । ଉମାକାନ୍ତ ସିଂ ମଂଚାସିନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ଓଡିଶା ପୂର୍ବ ପ୍ରାନ୍ତ ର କାର୍ଯ୍ୟକାରିଣୀ ସଦସ୍ୟ ଗଣେଶ୍ୱର ସାହୁ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ମଂଚାସିନ ଅତିଥି ମାନେ ନିଜ ନିଜ ଅଭିଭାଷଣରେ ଶୌର୍ଯ୍ୟ ଜାଗରଣ ର ଲକ୍ଷ ଓ ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।

# ଭଡ଼ାରେ ନିଅନ୍ତି ସେନା






**ପୁରା ଦୁନିଆରେ ଆମେରିକା ତା’ର ପ୍ରତିରକ୍ଷା ବଜେଟରେ ସର୍ବାଧିକ ଖର୍ଚ୍ଚ କରିଥାଏ । ଆମେରିକାର ପ୍ରତିରକ୍ଷା ବଜେଟ ପାଖାପାଖି ୬୮୦ ବିଲିୟନ ଡଲାର । ଆମେରିକା ପରେ ଚୀନ ପ୍ରତିରକ୍ଷା ପାଇଁ ଖର୍ଚ୍ଚ କରିଥାଏ । ତେବେ ଭାରତର ପ୍ରତିରକ୍ଷା ବଜେଟ ମାତ୍ର ୨.୪୬ଲକ୍ଷ କୋଟି ଟଙ୍କା ଅର୍ଥାତ ୪୧ ବିଲିୟନ ଡଲାର । କିନ୍ତୁ ଏମାନଙ୍କ ଠାରୁ ପୁରା ଅଲଗା ହେଉଛନ୍ତି ଏଇ କେତୋଟି ଦେଶ । ଏହି ଦେଶଗୁଡ଼ିକର ନିଜର ସେନା ନାହିଁ ଓ ଦେଶର ସୁରକ୍ଷା ପାଇଁ ଭଡ଼ାରେ ସେନା ନେଇଥାନ୍ତି ।**

**କୋଷ୍ଟାରିକା:** ମଧ୍ୟ ଆମେରିକୀୟ ଦେଶ କୋଷ୍ଟାରିକାର ନିଜର ସୈନ୍ୟ ନାହାଁନ୍ତି । ୧୯୪୮ରେ ରାଷ୍ଟ୍ରପତି ନିର୍ବାଚନ ସମୟରେ ଜନବିଦ୍ରୋହ ସମୟରେ ବିଦ୍ରୋହୀ କ୍ଷମତାକୁ ନିଜ କବଜାକୁ ନେଇ ଯାଇଥିଲେ । ଏହାପରେ ଏଠାରେ ନୂଆ ସମ୍ବିଧାନ ପ୍ରତିଷ୍ଠା ହୋଇଥିଲା । ନୂଆ ସମ୍ବିଧାନ ସେନାର ବ୍ୟବସ୍ଥା କରାଯାଇ ନଥିଲା । ୧୯୫୩ରୁ ଦେଶରେ ୧୪ଥର ରାଷ୍ଟ୍ରପତି ନିର୍ବାଚନ ହୋଇସାରିଛି, କିନ୍ତୁ ସବୁଯାକ ଶାନ୍ତିପୂର୍ଣ୍ଣ ରହିଥିଲା । ଆବଶ୍ୟକତା ପଡ଼ିଲେ କୋଷ୍ଟାରିକା ସେନା ଭଡ଼ାରେ ନେଇଥାଏ ।

**ଲିଷ୍ଟେନଷ୍ଟାଇନ:** କେନ୍ଦ୍ରୀୟ ୟୁରୋପର ଏହି କ୍ଷୁଦ୍ର ଦେଶରେ ୧୮୬୮ରେ ନିଜର ସେନା ଭାଙ୍ଗି ଦେଇଥିଲା । ଆର୍ଥିକ କାରଣରୁ ଏହା ବନ୍ଦ ରଖାଯାଇଥିଲା । ଯୁଦ୍ଧ ଆଶଙ୍କା ଦଖାଦେଲେ ସେନା ଗଠନ କରାଯିବ ବୋଲି ସେତେବେଳେ ନିଷ୍ପତ୍ତି ନିଆଯାଇଥିଲା । କିନ୍ତୁ ଏପର୍ଯ୍ୟନ୍ତ ସେପରି ପରିସ୍ଥିତି ଆସିନାହିଁ । ଲିଷ୍ଟେନଷ୍ଟାଇନ କଳାଧନକୁ ନେଇ ଅଧିକାଂଶ ସମୟ ଚର୍ଚ୍ଚାରେ ରହିଥାଏ ।

**ସାମୋଆ:** ୧୯୬୨ରେ ସାମୋଆ ନ୍ୟୁଜିଲାଣ୍ଡ ଅଧିନରେ ସ୍ୱାଧୀନ ହୋଇଥିଲା । ସ୍ୱାଧୀନତା ପରଠାରୁ ତା’ ପାଖରେ କୌଣସି ସେନା ନାହିଁ । ଆବଶ୍ୟକତା ପଡ଼ିଲେ ଦେଶକୁ ସୁରକ୍ଷା ଦେବ ବୋଲି ନ୍ୟୁଜିଲାଣ୍ଡ ସ୍ୱାଧୀନତା ସମୟରେ ଆଶ୍ୱାସନା ଦେଇଥିଲା । ପଶ୍ଚିମ ସାମୋଆ ଦ୍ୱୀପ ସମୂହକୁ ନେଇ ଗଠିତ ଏହି ଦେଶ ପାଲେନେସିଆର ଅଂଶବିଶେଷ ।

**ଅଣ୍ଡୋରା:** ଅଣ୍ଡୋରା ୟୁରୋପରେ ଅବସ୍ଥିତ । ୧୨୭୮ ରେ ଏହି ଦଶେ ଗଠିତ ହୋଇଥିଲା । ଅଣ୍ଡୋରାର ନିଜର ସେନା ନାହିଁ । କିନ୍ତୁ ଆବଶ୍ୟକତା ପଡ଼ିଲେ ସେନା ସହାୟତା ଦେବାକୁ ଅଣ୍ଡୋରାକୁ ସ୍ପେନ ଓ ଫ୍ରାନ୍ସ ଆଶ୍ୱାସନା ଦେଇଛନ୍ତି । ୪୬୮ ବର୍ଗ କିଲୋମିଟର ପରିବ୍ୟାପ୍ତ ଅଣ୍ଡୋରା ଏହାର ସକିରିସୋର୍ଟ ଓ ଡ୍ୟୁଟି ଫ୍ରି ଦୋକାନ ପାଇଁ ଜଣାଶୁଣା । ଟ୍ୟାକ୍ସ ଚୋରି କରୁଥିବା ଲୋକଙ୍କ ପାଇଁ ଏହା ଭୂସ୍ୱର୍ଗ ।



**ଟାବୁଲ:** ୨୦୧୪ରେ ଗଠିତ ଭାରତ ପ୍ରଶାନ୍ତ ଦ୍ୱିପ ସହଯୋଗ ସଙ୍ଗଠନରେ ସାମୋଆ ଓ ଟୁବାଲୁ ସାମିଲ । ଟୁବାଲୁର କ୍ଷେତ୍ରଫଳ ମାତ୍ର ୨୬ ବର୍ଗ କିଲୋମିଟର ଓ ଜନସଂଖ୍ୟା ୧୦,୦୦୦ । ଏହି ଦେଶ ପାଖରେ ବି କୌଣସି ସେନା ନାହିଁ । ଏହା ରାଜ୍ୟଗୋଷ୍ଠୀ ସମୂହର ସଦସ୍ୟ ଓ ବ୍ରିଟେନ ପରି ସଂସଦୀୟ ରାଜତନ୍ତ୍ର ବି ।


**ଭାଟିକାନ ସିଟି:** ଇଟାଲୀର ରାଜଧାନୀ ରୋମର ଅବସ୍ଥିତ ଭାଟିକାନ ସିଟି ପୃଥିବୀର ସବୁଠୁ ଛୋଟ ଦେଶ । ଏହି ଦେଶର କ୍ଷେତ୍ରଫଳ ମାତ୍ର ୦.୪୪ବର୍ଗ କିଲୋମିଟର ଓ ଜନସଂଖ୍ୟା ୮୪୦ । ଏହା କ୍ୟାଥଲିକ ଚର୍ଚ୍ଚଙ୍କ ମୁଖ୍ୟାଳୟ । ଏଠାରେ ପୋପ ଓ ଚର୍ଚ୍ଚର ଅନ୍ୟ ଅଧିକାରୀ ରୁହନ୍ତି । କିନ୍ତୁ ଏହାର କୌଣସି ସେନା ନାହିଁ ।

**ଗ୍ରେନେଡ଼ା:** ଏକ ବଡ଼ ଦ୍ୱୀପ ଓ ଛଅଟି ଛୋଟ ଛୋଟ ଦ୍ୱୀପକୁ ନେଇ ଗଠିତ ଗ୍ରେନେନାର କ୍ଷେତ୍ରଫଳ ୩୪୪ ବର୍ଗ କିଲୋମିଟର । ଦେଶର ଜନସଂଖ୍ୟା ୧୦୫,୦୦୦ । ଗ୍ରେନେଡ଼ା କାରିବିଆନ ଓ ଆଟଲାଣ୍ଟିକ ମହାସାଗରମ ମଧ୍ୟରେ ରହିଛି । ମସଲା ପାଇଁ ଏହି ଦେଶ ପରିଚିତ । ୧୯୮୩ରେ ସେନା ବିଦ୍ରୋହ ଓ ଆମେରିକା ହସ୍ତକ୍ଷେପ ପରେ ଏଠାରେ ନିୟମିତ ସେନା ନାହିଁ ।

**ନାଉରୁ:** ନାଉରୁ ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ଏକ ଦ୍ୱୀପ । କ୍ଷେତ୍ରଫଳ ମାତ୍ର ୨୧.୧୦ବର୍ଗ କିଲୋମିଟର । ଜନସଂଖ୍ୟା ପାଖାପାଖି ୧୦,୦୦୦ । ନାଉର ମାଇକ୍ରୋନେସିଆ ଦ୍ୱୀପର ଅଂଶବିଶେଷ । ଏକ ବୁଝାମଣା ଅନୁଯାୟୀ ନାଉରୁ ସୁରକ୍ଷା ଦାୟିତ୍ୱ ଅଷ୍ଟ୍ରେଲିଆ ନେଇଛି ।

# ସାଧାରଣରୁ ଅସାଧାରଣ ମୋ ମାଉସୀ

**ଝାନ୍ସୀ ସିଂହ**



ଅତିସାଧାରଣରୁ ଅସାଧାରଣ ମାତୃତ୍ୱ । ଜନ୍ମ ଥିଲେ ମୃତ୍ୟୁ ଅଛି, ଏହା ଅବସମ୍ଭାବୀ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କରୁଥିବା କର୍ମହିଁ ଜୀବନକୁ ମହତ କରେ, ମହତ ପ୍ରୟାସୀ କରେ । ମଣିଷର ଆଶା ଅସୀମ, ପ୍ରତିମୁହୂର୍ତ୍ତରେ ଗୋଟିଏ ଗୋଟିଏ ଇଚ୍ଛା ତା ମନ ଉପରେ ପ୍ରଭାବ ପକାଇଥାଏ । ଏବଂ ଏହି ଇଚ୍ଛାର ପରିପୂରଣ ପାଇଁ ସେ ଅନେକ ପଦକ୍ଷେପ ନେଇଥାଏ । ପୁଣି ପରିବାରରେ ଯଦି ଅଭାବ ଥାଏ ସେ ବହୁ ବିପର୍ଯ୍ୟୟକୁ ଡାକିଆଣେ । ଏହି ଆର୍ଥିକ ବିପର୍ଯ୍ୟୟବିତାଙ୍କୁ ପରିବର୍ତ୍ତନ କରିପାରି ନାହିଁ । ଅଭାବରୁ ଅଭାବରେ ଥିଲେବି ସେ ବଦଳି ନାହାଁନ୍ତି । ଯେତେବେଳେ ସ୍ୱଭାବ ଆସିଛି ବା ତାଙ୍କ ପରିବାରର ପୁଅ ଏବଂ ଝିଅ ଚାକିରୀ କରି ଆର୍ଥିକ ରୂପେ ସ୍ୱଚ୍ଛଳ ହୋଇଛନ୍ତିସେତେବେଳେ ବି ସେ ତାଙ୍କ ପୁଅ, ଝିଅ, ବୋହୂ, ନାତି, ନାତୁଣୀଙ୍କ ପାଇଁବ୍ୟସ୍ତ ନହୋଇ ଏକ ସାମଗ୍ରୀକ ପାରିବାରିକ ଜୀବନ ଭିତରେ ପୂର୍ଣ୍ଣତା ଖୋଜିଛନ୍ତି । ମୁଁ ଯାହାଙ୍କ ବିଷୟରେ କହିବାକୁ ଯାଉଁଛି ସେ ଆଉକେହି ନୁହଁନ୍ତିକବି, ଲେଖକ, ସଂଗଠକ ତଥା ରେଲୱେର ଅବସର ପ୍ରାପ୍ତ ଅଫିସର ଶ୍ରୀ ନିରାକାର ଦାସଙ୍କ ବୋଉ ୯ଦୁଲାଳୀ ଦାସ ମୋ ପ୍ରିୟ ମାଉସୀ । ସେମମତାର ପ୍ରତୀକ, ଜୀବନର ଶେଷ ପର୍ଯ୍ୟନ୍ତ ମୋତେ ଝିଅ ଭଳିସ୍ନେହ, ଶ୍ରଦ୍ଧା ଦେବାସହ ତାଙ୍କର ଏକ ଆବେଗଭରା ପ୍ରତୀକ୍ଷା ସବୁବେଳେ ମୋ ପାଇଁ ରଖୁଥିଲେ । ଝାନ୍ସୀ କେବେ ଆସିବ, କୋରାପୁଟର ସେମିଳିଗୁଡ଼ାରୁ ଭୁବନେଶ୍ୱର ଆସିବା ସବୁବେଳେ ସମ୍ଭବ ନୁହେଁ, କିନ୍ତୁଯେବେ ଫୋନ୍ କଲ କରନ୍ତିକେବଳ ଗୋଟିଏ କଥା କେବେ ଆସିବୁ । ତାଙ୍କ ଝାନ୍ସୀ ଡାକରେଏପରି ମଧୁରତା ଥାଏତାହା ଅନୁଭବୀ ହିଁ ଜାଣିପାରିବେ । ସେ ଖୁବ୍ ସରଳ, ସର୍ବସମଭାବନା, ସହନଶୀଳତା, ସନ୍ତାନପ୍ରୀତି, ଆତିଥେୟତା ଏବଂ ତାଙ୍କର ଆବେଗଭରା ପ୍ରତୀକ୍ଷା ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ସପରିବାରକୁ ସୁରକ୍ଷା ଦେବା ପାଇଁ ନିରାକାର ଭାଇଙ୍କ ସହ ଲଢ଼େଇ କରିଛନ୍ତି । ପ୍ରତିବଦଳରେ ନିରାକାର ଭାଇ ତାଙ୍କୁ ‘ଗାନ୍ଧାରୀ’ ମା’ ନାମରେ ନାମିତ କରିଥିଲେ ।

ସେ ତ ଡାଇବେଟିକ୍ ରୋଗରେ ପିଡ଼ିତ ଥିଲେ ଏବଂ ଗୃହଜାଳ ଉପରେ ପାଲଟିଗଲେ ଏକ ଭିନ୍ନ ମଣିଷ । ମମତ୍ୱବୋଧରେ ଏହି ନିଷ୍କପଟ ମା’ ପୂର୍ଣ୍ଣ ପରିବାର ସଦସ୍ୟମାନଙ୍କ ପାଇଁ ଚିନ୍ତା କରି କରି ତାଙ୍କ ମାନସିକ ଅବସ୍ଥା ସାମାନ୍ୟ ବଦଳି ଯାଇଥିଲା । ଡାଇବେଟିକ୍ ସହ ବାର୍ଦ୍ଧକ୍ୟ ଜନିତ ରୋଗରେ ସେ ସଂଘର୍ଷ କରି କରି ଶେଷରେ ଚାଲିଗଲେ ସତ, କିନ୍ତୁ ସମଗ୍ର ଜୀବନ ନିରାକାର ଭାଇ ତାଙ୍କ ସେବା ଏବଂ ଚିକିତ୍ସା କରିବାରେ କେବେହେଲେ ଅବହେଳା କରି ନାହାଁନ୍ତି । ମନେ ପଡୁଛି ଆଜି, ମୁଁ ତାଙ୍କ ଘରକୁ ଗଲେ ନିରାକାର ଭାଇ ପଚାରନ୍ତିବୋଉ କିଏ ଆସିଛି କହିଲୁ ମାଉସୀ ଟିକେ ରହି ଥଥ ମମ ହୋଇ କହନ୍ତି ‘ଝାନ୍ସୀ’ ।

ଶ୍ରୀ ଅକ୍ଷର ବିମର୍ଜିତ ମଣିଷ କିନ୍ତୁ ମଣିଷ ପଣିଆରେ ସେ ଥିଲେ ଅସାଧାରଣ । ସମସ୍ତେ ଭଲ ଖାଆନ୍ତୁ, ଭଲ ପିନ୍ଧନ୍ତୁ, ଗାଁ ଲୋକ ଅସୁସ୍ଥ ହେଲେ ପାଗଳା (ନିରାକାର ଭାଇ) ତାକୁ ଆଣି ମେଡ଼ିକାଲ ଦେଖାଇ ଦ୍ୟାଦିରେ ମୁଁ ପ୍ରଭାବିତ ହୋଇଛି । ସୋନାଲି (ନିରାକାର ଭାଇଙ୍କ ଝିଅ) ନିର୍ବନ୍ଧରେ ମାଉସୀଙ୍କୁ ସଜେଇ ମଉସାଙ୍କ ସହ ଶେଷ ଫଟୋ ନେଇଥିଲି । ସମ୍ ହସ୍ପିଟାଲ୍‌ର ଆଇ.ସି.ୟୁରେ ଶେଷଥର ଦେଖି ପାଦସ୍ପର୍ଶ ପ୍ରଣାମ କରିଥିଲି । ମାଉସୀ ଭୁବନେଶ୍ୱର ଗଲେ ଘରୁ ଆସିଲାବେଳେ ମୁଣ୍ଡିଆ ମାରିଲେ କହୁଥିଲେ ‘କେବେ ଆସିବୁ’ ? କେହି ଆଉ କହିବେ ନାହିଁ । ଅବଶୋଷ ରହିଗଲା ତୁମକୁ ଶେଷ ଦର୍ଶନ କରିପାରିଲି ନାହିଁ, ତୁମେ ନୀରବି ଗଲ.......... ପ୍ରଣାମ ।

+ସେମିଳିଗୁଡ଼ା,
ମୋ : ୯୪୩୭୧୧୨୮୪୬

# ସ୍ତନ୍ୟପାନର ଉପକାରିତା : ମା’କ୍ଷୀର ଜୀବାଣୁ ଓ ଭୂତାଣୁ ସଂକ୍ରମଣଠାରୁ ଶିଶୁକୁ ରକ୍ଷା କରେ



ମା’ କ୍ଷୀର ନବଜାତ ଶିଶୁଙ୍କ ପାଇଁ ଅମୃତ ଆହାର । ଶିଶୁର ଉ ମ ସ୍ୱାସ୍ଥ୍ୟ ତଥା ଶାରୀରିକ ଓ ମାନସିକ ବିକାଶ ପାଇଁ ଆବଶ୍ୟକ ପୌଷ୍ଟିକ ଆହାର, କେବଳ ମା’ କ୍ଷୀରରୁ ହିଁ ମିଳେ । ସେଥିପାଇଁ ଶିଶୁ ଜନ୍ମ ହେବା ପରଠାରୁ ୬ ମାସ ପର୍ଯ୍ୟନ୍ତ ତାକୁ କେବଳ ମା’ କ୍ଷୀର ଦେବା ଆବଶ୍ୟକ । ପ୍ରସବ ପରେ ସୃଷ୍ଟି ହେଉଥିବା ମା’ର କଷ କ୍ଷୀରରେ ପ୍ରଚୁର ପରିମାଣ ପୁଷ୍ଟିସାର, ଶ୍ୱେତସାର, ସ୍ନେହସାର ତଥା ଅନ୍ୟାନ୍ୟ ୧୦୦ ପ୍ରକାରର ଉପାଦାନ ରହିଥାଏ । ଯାହାକି ଶିଶୁର ଶାରୀରିକ ଓ ମାନସିକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ଏଥିସହିତ ପିଲାଙ୍କ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ । ମା’ର ପ୍ରଥମ କ୍ଷୀରରେ ଥିବା ରୋଗ ପ୍ରତିରୋଧକ ଶକ୍ତି ବିଭିନ୍ନ ପ୍ରକାରର ଜୀବାଣୁ ଓ ଭୂତାଣୁ ସଂକ୍ରମଣଠାରୁ ଶିଶୁକୁ ରକ୍ଷା କରିବାରେ ସହାୟକ ହୋଇଥାଏ ।

ସାଧାରଣ ପ୍ରସବର ଏକ ଘ[ । ମଧ୍ୟରେ ଶିଶୁକୁ ମା’ କ୍ଷୀର ଖୁଆଇବା ଉଚିତ୍ । କିନ୍ତୁ ସିଜରିଆନ୍ ଡେଲିଭରି ଦ୍ୱାରା ପ୍ରସବ କରାଯାଇଥିଲେ ଶିଶୁ ଜନ୍ମର ଦୁଇଘ[ । ପରେ ସ୍ତନ୍ୟପାନ କରାଯାଇପାରିବ । ନିୟମିତ ସ୍ତନ୍ୟପାନ କରାଉଥିବା ଶିଶୁମାନଙ୍କୁ ତରଳ ଝାଡ଼ା, ତ[ ଓ ଫୁସ୍‌ଫୁସ୍ ସଂକ୍ରମଣ, ଟାଇଫଏଡ୍, ଚର୍ମରୋଗ, କଲେରା ପ୍ରଭୃତି ରୋଗ ହେବାର ସମ୍ଭାବନା କମ୍ ଥାଏ । ନିୟମିତ ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ଓଜନ ପ୍ରସବ ପରେ ବଢ଼େ ନାହିଁ, ରୁଟି ଝଡ଼େ ନାହିଁ । ଏହି ମହିଳାମାନଙ୍କୁ ସ୍ତନ କର୍କଟ ଭଳି ମାରାତ୍ମକ ରୋଗ ହେବାର ଆଶଙ୍କା ମଧ୍ୟ କମ୍ ଥାଏ । ସ୍ତନ୍ୟପାନ ପରେ ଶିଶୁଟିକୁ କାନ୍ଧରେ ପକାଇ ପିଠିକୁ ଥାପୁଡ଼େଇ ଦେଲେ ସେ ହାକୁଟି ମାରିଥାଏ । ଏହା ଦ୍ୱାରା ତା’ ପେଟ ଭିତରକୁ ଯାଇଥିବା ପବନ ବାହାରି ଆସେ ଫଳରେ ସେ ବାନ୍ତି କରେନାହିଁ । ଶିଶୁକୁ ସବୁବେଳେ ଦୁଇ ସ୍ତନରୁ ସମ ପରିମାଣରେ କ୍ଷୀର ପିଆଇବା ଉଚିତ୍ । ସ୍ତନ୍ୟପାନ କରାଇବା ବେଳେ ଶିଶୁକୁ ଆଦୌ ଗୋଟିଏ ପଟେ କଡ଼େଇ ଖୁଆଇବା ଉଚିତ୍ ନୁହେଁ । ଏହା ଦ୍ୱାରା କ୍ଷୀର ଶିଶୁର ଛାତି ଭିତରକୁ ଚାଲିଯାଇ ଶ୍ୱାସନଳୀ ମଧ୍ୟ ବନ୍ଦ କରି ଦେଇପାରେ । ସ୍ତନ୍ୟପାନ କରାଇବା ବେଳେ ମହିଳାଙ୍କ ଶରୀରରୁ ଅକ୍ସିଟୋସିନ୍ ହରମୋନ ବାହାରେ ଯାହା ମହିଳାଙ୍କ ଜରାୟୁକୁ ସଙ୍କୋଚନରେ ସାହାଯ୍ୟ କରିଥାଏ ଫଳରେ ପ୍ରସବ ପରେ ଅଧିକ ରକ୍ତସ୍ରାବ ବନ୍ଦ କରାଇ ଶରୀରରେ ହିମୋଗ୍ଲୋବିନ୍ ବଢ଼ାଇବାରେ ସହାୟକ ହୁଏ । ନିୟମିତ ସ୍ତନ୍ୟପାନ କରାଉଥିବା ମହିଳାଙ୍କର ଋତୁସ୍ରାବ ବନ୍ଦ ରୁହେ ଓ ଡିମ୍ବାଣୁ ନିସ୍କୃତ ମଧ୍ୟ ବନ୍ଦ ରହେ । ତେଣୁ ଏହି ସମୟରେ ଗର୍ଭ ରହିବାର ସମ୍ଭାବନା ମଧ୍ୟ କମ୍ ଥାଏ । ସ୍ତନ୍ୟପାନ କରାଉଥିବା ମା’ କୌଣସି ରୋଗ ପାଇଁ ଔଷଧ ଖାଉଥିଲେ ଡାକ୍ତରଙ୍କ ପରାମର୍ଶରେ ସ୍ତନ୍ୟପାନ କରାଇବା ଉଚିତ୍ । କାରଣ କେତେକ ଔଷଧର ଉପାଦାନ ମା’ କ୍ଷୀର ଦେଇ ଶିଶୁର ଶରୀରକୁ ଯାଇ ଅସୁବିଧା କରିଥାଏ । ସେଥିପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରିବା ଉଚିତ୍ ।

# ଗର୍ଭାବସ୍ଥାରେ ସାତ ଖାଦ୍ୟ



**ଡାଲି–** ବିରି, ବୁଟ, ମସୁର ଡାଲି ତନ୍ତୁ ତଥା ପୁଷ୍ଟିସାରରେ ଭରପୁର । ଏଗୁଡ଼ିକରୁ କାଲସିଅମ ଓ ଜିଙ୍କ୍ ମଧ୍ୟ ମିଳେ, ଯାହା ଉଭୟ ମାଆ ଓ ଭ୍ରୂଣର ସ୍ୱାସ୍ଥ୍ୟ ପାଇଁ ଉପଯୋଗୀ ।

**ରଙ୍ଗୀନଫଳ–** ଋତୁ ଅନୁସାରେ ବିଭିନ୍ନ ତାଜା ଫଳ ଖାଆନ୍ତୁ । ସବୁଜ, ହଳଦିଆ, ବାଇଗଣୀ ରଙ୍ଗର ଫଳ ସବୁଠାରୁ ଉତ୍ତମ । ପଇଡ଼ ପାଣି, ଫଳ ରସ ପିଅନ୍ତୁ ।

**ଶାଗ –** ଯେକୌଣସି ଶାଗ ଖାଇବା ଉଚିତ୍ । ଶାଗରୁ ପ୍ରଚୁର ପରିମାଣରେ ଲୌହସାର ମିଳେ । ପାଳଙ୍ଗ ଶାଗରେ ଫୋଲିକ ଏସିଡ଼ ଓ କାଲସିଅମ ମାତ୍ରା ଅଧିକ । ଏହା ଜରାୟୁକୁ ସୁରକ୍ଷିତ ରଖେ । ସବୁଜ ପରିବା ଖାଆନ୍ତୁ ।

**ଦହି –** ଦହି ସଂକ୍ରମଣ ପ୍ରତିରୋଧୀ । ମାଆ ଓ ଗର୍ଭସ୍ଥ ଶିଶୁ ପାଇଁ ଉପାଦେୟ । ନିୟମିତ ଦହି ଖାଇବା ଦ୍ୱାରା ପ୍ରସବ ବେଦନା କମେ ।

**କ୍ଷୀର –** ଗର୍ଭାବସ୍ଥାରେ ନିୟମିତ କ୍ଷୀର ପିଅନ୍ତୁ । ଏହାଦ୍ୱାରା ଶିଶୁର ଅସ୍ଥିର ମଜଭୁତ ହୁଏ । ମାଆ ପାଇଁ କାଲସିଅମର ଅଭାବ ରହେନାହିଁ । ଛେନା ଖାଆନ୍ତୁ । ଦହି ସରବତ ପିଅନ୍ତୁ ।

**ଶସ୍ୟ –** ମୁଗ, ବୁଟ, ଉଷୁନା ଚାଉଳ, ଗହମ, ଯବ ଆଦି ଖାଆନ୍ତୁ ।

**ଶୁଖିଲା ଫଳ –** କାଜୁ, କିସମିସ, ବାଦାମ, ଅଖରୋଟ ଆଦି ଖାଆନ୍ତୁ । ଏସବୁ ଶିଶୁର ମସ୍ତିଷ୍କ ବିକାଶରେ ସହାୟକ ହୁଏ ।

# ରାଜନୀତିଆ କୁକୁର




ରାଜନୀତି ଏମିତି ଏକ କ୍ଷେତ୍ର ଯେଉଁଠି ପ୍ରତିଷ୍ଠା ପାଇବାକୁ ସାରା ଜୀବନ ଲାଗି ଯାଉଥିବା ବେଳେ ଏଠାରେ କୁକୁରର ରାଜନୀତି କଥା ଶୁଣି ଆଶ୍ଚର୍ଯ୍ୟ ଲାଗୁନି । ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବଡ଼ବଡ଼ ନେତାଙ୍କୁ ଇଲେକ୍ସନରେ ମାଟି ଚଟେଇ ଦେଉଛି ଏକ କୁକୁର । କୁକୁରଟି ଏବେ ମେୟର ଭାବେ କାର୍ଯ୍ୟରତ । ଆମେରିକାର ମିନେସୋଟା ସ୍ଥିତ କରମୋରେ ଟାଉନସିପରେ ଲୋକମାନେ ମଣିଷଙ୍କ ବ୍ୟତୀତ ବେଶୀ ବିଶ୍ୱାସ କରୁଛନ୍ତି ପଶୁଙ୍କୁ । କେବଳ ଏଇଥିପାଇଁ ଡ୍ୟୁକ ନାମକ ଏହି କୁକୁର ବର୍ତ୍ତମାନ ସୁଦ୍ଧା ହୋଇଥିବା ୩ ଥର ନିର୍ବାଚନରେ ଜିତି ଆସୁଛି ପୁଣି ବହୁମତ ସହିତ । ତେବେ ସେବେଠାରୁ ବଡ଼କଥା ହେଲା କୁକୁରଟି ଏହି ଟାଉନକୁ ଆସୁଥିବା ଅତିଥିମାନଙ୍କୁ ନିଜେ ହିଁ ସ୍ୱାଗତ କରିବା ସହିତ ଭାରି ସମ୍ମାନ ମଧ୍ୟ କରିଥାଏ । ଏଥିସହିତ ଟାଉନକୁ ଯେବେ ବି କୌଣସି ନେତା କିମ୍ବା ମନ୍ତ୍ରୀ ଆସିଥାନ୍ତି ମେୟର ଓରଫ ଡ୍ୟୁକକୁ ଦେଖାକରି ଥାନ୍ତି ।

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର

୦୬ ଅକ୍ଟୋବର ୨୦୨୩, ଶୁକ୍ରବାର



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କଡ଼ ଲେଉଟାଏ ଇତିହାସ...

ଇତିହାସ କଡ଼ ଲେଉଟାଏ, ଯଦିଓ ଭିନ୍ନ କିଛି ଧାରାରେ। ଏକଥା ପୁଣିଥରେ ସାବ୍ୟସ୍ତ ହୋଇଛି ନିକଟରେ। କହିବାର ତାତ୍ପର୍ଯ୍ୟ– ମଣ୍ଡଳ କମିଶନ କଥା ଅନେକଙ୍କର ମନେ ଥିବ। ୧୯୮୦ ଦଶକର ସେଇ ଧାରା ଏବେ ପୁଣିଥରେ ଫେରିବାକୁ ଆରମ୍ଭ କରିଛି ଚଳିତ ବର୍ଷର ଗାନ୍ଧୀ ଜୟନ୍ତୀରେ ବିହାରର ଜାତି ଆଧାରିତ ସର୍ଭେ ରିପୋର୍ଟ ପ୍ରକାଶ ପାଇବା ପରେ । ତେଣୁ ସମସ୍ତେ ଯଦିଓ ଜାତି ଆଧାରିତ ସର୍ଭେର ଫଳାଫଳ କ'ଣ ହେବ, ଦୀର୍ଘଦିନ ଧରି ଜାଣିଥିଲେ, ବର୍ତ୍ତମାନ କିନ୍ତୁ ତଥ୍ୟ ଦ୍ୱାରା ସମର୍ଥିତ ଏହାର ଫଳାଫଳକୁ ଦୃଢ଼ ନିଶ୍ଚିତ ଭାବରେ ଜାଣିବାର ସୁଯୋଗ ପାଇଛନ୍ତି । ବିହାରରେ ପ୍ରକାଶିତ ଜାତି ଆଧାରିତ ସର୍ଭେ ଏହାଦ୍ୱାରା ଭାରତରେ ଅନ୍ୟତମ ସର୍ବାଧିକ ପଛୁଆ ରାଜ୍ୟର ସାମାଜିକ ଅର୍ଥନୀତିଗୁଡ଼ିକ ବିଷୟରେ ମିଳିଥିବା କଠୋର ତଥ୍ୟଗୁଡ଼ିକ ଉପରେ ସମସ୍ତଙ୍କୁ ଆଖି ପକାଇବାର ସୁଯୋଗ ପ୍ରଦାନ କରିଛି । ଏହି ସର୍ଭେରୁ ମିଳିଥିବା ପ୍ରମୁଖ ତଥ୍ୟଗୁଡ଼ିକ ହେଉଛି- ସମ୍ପୃକ୍ତ ରାଜ୍ୟ ଜନସଂଖ୍ୟାର ୮୪ ପ୍ରତିଶତରୁ ଅଧିକ ଯାହାର ସଂଖ୍ୟା ପାଖାପାଖି ୧୩.୦୭ କୋଟି, ହେଉଛନ୍ତି ପଛୁଆ ବର୍ଗର । ଏହି ମୋଟ ତଥ୍ୟକୁ ଆଉଟିକେ ବିଶଦ ଭାବରେ ବିଭାଜିତ କଲେ- ୩୬ ପ୍ରତିଶତ ଅତ୍ୟଧିକ ପଛୁଆ ଶ୍ରେଣୀର, ୨୭.୧୩ ପ୍ରତିଶତ ଅନ୍ୟାନ୍ୟ ପଛୁଆ ଶ୍ରେଣୀର, ୧୯.୬୫ ପ୍ରତିଶତ ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ୧.୬୮ ପ୍ରତିଶତ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ର । ତେଣୁ ଚଳିତ ବର୍ଷର ପ୍ରାରମ୍ଭରେ କରାଯାଇଥିବା ଏହି ସର୍ଭେର ଫଳାଫଳକୁ ନେଇ ସାମାଜିକ ନ୍ୟାୟର ଡିଣ୍ଡିମ ପିଟୁଥିବା ନେତାମାନେ ବର୍ତ୍ତମାନ ସେମାନଙ୍କ ହାତରେ ବସ୍ତୁତଃ ଏକ ଶକ୍ତିଶାଳୀ ଅସ୍ତ୍ର ପାଇଛନ୍ତି ରାଜନୀତି କରିବାକୁ। ପରନ୍ତୁ, ପଛୁଆ ବର୍ଗ ବା ଶ୍ରେଣୀର ଲୋକମାନଙ୍କର ସମସ୍ୟାଗୁଡ଼ିକର ଅସଲରେ ସମାଧାନ କରିବାକୁ ହେଲେ ସମଗ୍ର ସମାଜ ଏକାଠି ବସି ବର୍ତ୍ତମାନ ସୁଦ୍ଧା ନିଜ ପାଇଁ ଧାର୍ଯ୍ୟ କରିଥିବା ଯୋଜନା ଏବଂ ନୀତିଗୁଡ଼ିକର ଏକ ବାସ୍ତବବାଦୀ ଆକଳନ କରିବା ପାଇଁ ଆଗେଇ ଆସିବା ଉଚିତ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର କହିଛନ୍ତି ଯେ ଏହି ତଥ୍ୟ ଆଧାରରେ ପରବର୍ତ୍ତୀ କାର୍ଯ୍ୟକ୍ରମର ଧାରା ସ୍ଥିର କରିବା ନିମନ୍ତେ ତାଙ୍କ ସରକାର ସବୁ ରାଜନୀତିକ ଦଳଙ୍କ ସହିତ ପରାମର୍ଶ କରିବ। ତେଣୁ ଏହି ସର୍ଭେର ତତ୍କାଳ ପ୍ରଭାବ ହେବ ଚାକିରି ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖା ପାଇଁ ସ୍ଥାନ ସଂରକ୍ଷଣରେ ବୃଦ୍ଧି କରାଯିବାର ଦାବି ତଥା ସେଥି ସହିତ ବ୍ୟବସ୍ଥାପିକାଗୁଡ଼ିକରେ ସମାନ ଧରଣର ପଦକ୍ଷେପ ନେବାକୁ ଯଦ୍ୱାରା ସେଗୁଡ଼ିକ ଜନସଂଖ୍ୟକ ଆବଣ୍ଟନକୁ ସଠିକ୍ ଭାବରେ ପ୍ରତିଫଳିତ କରିବ । ବର୍ତ୍ତମାନ ସମୟରେ ଦେଶରେ ୧୯୯୨ର ଇନ୍ଦ୍ର ସାହାଣୀ ମାମଲାରେ ସୁପ୍ରିମ୍‌କୋର୍ଟଙ୍କ ଆଦେଶନାମା ଅନୁସାରେ ଯେ କୌଣସି ପରିସରରେ ସ୍ଥାନ ସଂରକ୍ଷଣ ୫୦ ପ୍ରତିଶତ ମଧ୍ୟରେ ସୀମିତ ରହିଛି । ଏହି ସିଲିଂ ବା ସର୍ବୋଚ୍ଚ ସୀମା ବାସ୍ତବବାଦୀ କି ନୁହେଁ, ଏବେ ତା' ଉପରେ ପ୍ରଶ୍ନ ଉଠିବ, ଏବଂ ଏହି ଘଟଣା ଉପରେ ବିଚାର ବିମର୍ଶ କରିବାକୁ ସାରା ସମାଜ ବାଧ୍ୟ ହେବ । ସମ୍ପ୍ରତି ସାରା ଦେଶରେ ଜାତି ଆଧାରିତ ଜନଗଣନା କରିବାକୁ ଦାବି ଜୋର୍ ଧରିବା ଆରମ୍ଭ କରିଛି, ଯାହା ସମ୍ଭବତଃ ବିହାର ଭଳି ସମାନ ଦୃଶ୍ୟର ଅବତାରଣା କରିପାରେ । ସ୍ଥାନ ସଂରକ୍ଷଣ ପାଇଁ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ରହିଛି, ତାହା ଦୀର୍ଘ ସାତ ଦଶନ୍ଧିର ସମୟ ଅତିବାହିତ କରି ସାରିଲାଣି, ତେଣୁ ସମୟ ଉପଗତ ହୋଇଛି, ଏହାର ପ୍ରଭାବକୁ ମଧ୍ୟ ଆକଳନ କରାଯାଇ ଭବିଷ୍ୟତର କାର୍ଯ୍ୟପନ୍ଥା ସମ୍ପର୍କରେ ନିଷ୍ପତ୍ତି ନେବାକୁ । ଏକଥା ସ୍ମରଣ ରଖାଯାଇପାରେ ଯେ ଏହାର ବିପୁଳ ଜନସଂଖ୍ୟା, ଉର୍ବର ଜମି ଏବଂ ପାଣି ଦୃଷ୍ଟିରୁ ପ୍ରଚୁର ପରିମାଣର କେନ୍ଦ୍ରୀୟ ସାହାଯ୍ୟ ସତ୍ତ୍ୱେ ବିହାର ମାନବୀୟ ସୂଚକାଙ୍କର ଅଧିକାଂଶ ମାନଦଣ୍ଡଗୁଡ଼ିକରେ ନିମ୍ନ ସ୍ଥାନରେ ରହିଛି । ସଙ୍ଗେ ସଙ୍ଗେ ଏହା ମଧ୍ୟ ଉଲ୍ଲେଖ କରାଯିବା ପ୍ରାସଙ୍ଗିକ ଯେ ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ମଧ୍ୟରୁ ବିହାରରେ ନିହାତି କମ୍‌ରେ ୪୦ ବର୍ଷ ପର୍ଯ୍ୟନ୍ତ ଲୋକମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ କରିବା ଏବଂ ସମାଜବାଦ ପ୍ରତିଷ୍ଠା କରିବାର ଶପଥ ନେଇ ବେଶ୍ କିଛି ସଂଖ୍ୟକ ସରକାର ଶାସନ କରିଛନ୍ତି। ତେଣୁ କେବଳ ତଥ୍ୟ ବା ସମ୍ବଳର ଅଭାବଜନିତ ପ୍ରସଙ୍ଗଗୁଡ଼ିକୁ ନେଇ ରାଜ୍ୟର ପଛୁଆ ଶ୍ରେଣୀରେ ରହିବାକୁ ଆପାତତଃ ସହଜରେ ଗ୍ରହଣ କରାଯାଇ ନପାରେ ; ଏହି ସର୍ଭେ ରାଜନୀତିକ ଶ୍ରେଣୀଙ୍କ ପ୍ରତିବଦ୍ଧତା ଉପରକୁ ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଏହି ସର୍ଭେ ମଧ୍ୟ ସାମ୍ପ୍ରତିକ ଦୃଶ୍ୟପଟରେ ସମଗ୍ର ଦେଶର ରାଜନୀତିକ ଦୃଶ୍ୟାବଳୀ ଉପରେ ଏହାର ପ୍ରତିଫଳନ ଘଟାଇବାର ସମ୍ଭାବନା ବହନ କରେ । ବିହାରରେ ଜାତି-ଆଧାରିତ ସର୍ଭେକୁ ସମର୍ଥନ କରିଥିବା ବିଜେପି- ନେତୃତ୍ୱାଧୀନ ଏନ୍‌ଡିଏ ଏହାକୁ ସମାଜକୁ ଭାଗ ଭାଗ କରିବା ନିମନ୍ତେ ଏକ ଉଦ୍ୟମ ଭାବରେ ଉପସ୍ଥାପିତ କରିବାକୁ ଉଦ୍ୟମ କରିବା ସହିତ 'ଇଣ୍ଡିଆ' ଗୋଷ୍ଠୀ ଏହାକୁ ଆଧାର କରି ନିର୍ବାଚନରେ ସାମାଜିକ ନ୍ୟାୟ ପ୍ରଦାନ କରିବାର ପ୍ରତିଶ୍ରୁତି ରୂପକ ଗାଡ଼ିରେ ସବାର ହେବାକୁ ଆଗୁସାର ହେବ । ଏସବୁ ଭିତରେ ଯାହା ଦେଖିବାକୁ ବାକି ରହିବ, ତାହା ହେଉଛି- ଏହି ସର୍ଭେ କରାଯିବାର ଯେଉଁ ଉଦ୍ଦେଶ୍ୟ ରହିଥିଲା, ଅର୍ଥାତ୍ ସର୍ଭେ ଦ୍ୱାରା ଜଣା ପଡ଼ିଥିବା ପ୍ରକୃତ ହିତାଧିକାରୀମାନେ ଏହି କସରତର ଫଳକୁ ଉପଭୋଗ କରି ପାରୁଛନ୍ତି କି ନାହିଁ । କହିବା ବାହୁଲ୍ୟ, ବିହାରର ଜାତି- ଆଧାରିତ ସର୍ଭେ ଅବଶ୍ୟ ମଣ୍ଡଳ କମିଶନ କଥାକୁ ସ୍ମୃତିପଟରେ ପୁଣିଥରେ ଜାଗ୍ରତ କରାଇ ଦେଇଛି, ତେବେ ଭାରତର ରାଜନୀତିକ ଅର୍ଥନୀତି ୧୯୯୦ ଦଶକ, ଯାହା ମଣ୍ଡଳ, ମନ୍ଦିର ଏବଂ ଅର୍ଥନୀତିକ ଉଦାରୀକରଣ ଦ୍ୱାରା ପରିଭାଷିତ ହେଉଥିଲା, ତା' ପରଠାରୁ ଦ୍ରୁତ ପରିବର୍ତ୍ତନକୁ ପରିଲକ୍ଷିତ କରିଛି । ତେଣୁ ମଣ୍ଡଳ ବନାମ କମଣ୍ଡଳୁର ପୁନଃ-ଚଳନ ସେଇ ପୁରୁଣା ଦିନର ଫଳାଫଳକୁ ବହନ କରି ଆଣିବ ବୋଲି କଦାଚିତ୍ ନିଶ୍ଚିତ ଭାବରେ କହିହେବ।

## କ୍ରିକେଟ ବିଶ୍ୱକପ୍ ୧୯୭୫



### ଶ୍ରୀବସ୍ତ ନାୟକ

ଇଂଲଣ୍ଡର ଜାତୀୟ କ୍ରୀଡା ହୋଇଥିଲେ ମଧ ବିଶ୍ୱରେ ଜନପ୍ରିୟ କ୍ରୀଡା ମଧ୍ୟରେ କ୍ରିକେଟ ଖେଳର ଚାହିଦା ବେଶ୍ ଅଧିକ । ଏହି ଖେଳର ପ୍ରକୃତ ଆରମ୍ଭ ସମୟ ଜଣାନଥିଲେ ମଧ ଏହା ପ୍ରାୟ ୫୦୦ ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା । କ୍ରିକେଟ ଖେଳର ଜନକ କୁହାଯାଉଥିବା ଇଂଲଣ୍ଡରେ ଏହାର ବ୍ୟାପକ ପ୍ରସାର ଦେଖିବାକୁ ମିଳୁଥିଲା କିନ୍ତୁ ସମୟ ପରିବର୍ତ୍ତନ ସହ ଏହି ଖେଳ ଏବେ ବିଶ୍ୱର ଅନେକ ଦେଶକୁ ବ୍ୟାପିଗଲାଣି। ଷୋଡଶ ଶତାବ୍ଦୀର ଶେଷ ଭାଗରୁ କ୍ରିକେଟ୍ ଖେଳର ଏକ ଜଣାଶୁଣା ଇତିହାସ ରହିଛି । ଦକ୍ଷିଣ-ପୂର୍ବ ଇଂଲଣ୍ଡରେ ଉତ୍ପନ୍ନ ହୋଇ ଏହା ଅଷ୍ଟାଦଶ ଶତାବ୍ଦୀରେ ଦେଶରେ ଏକ ପ୍ରତିଷ୍ଠିତ ଖେଳ ହୋଇଗଲା। ଉନବିଂଶ ଏବଂ ବିଂଶ ଶତାବ୍ଦୀରେ ଏହା ସର୍ବଭାରତୀୟ ସ୍ତରରେ ବିକଶିତ ହେଲା । ଉନବିଂଶ ଶତାବ୍ଦୀରୁ ଆନ୍ତର୍ଜାତୀୟ ମ୍ୟାଚ୍ ଖେଳାଯାଉଛି ଏବଂ ଆନୁଷ୍ଠାନିକ ଟେଷ୍ଟ କ୍ରିକେଟ୍ ମ୍ୟାଚ୍ ୧୮୭୭ ମସିହାରୁ ଖେଳ ହୋଇଆସୁଛି । ଗୁଗଲ ପ୍ରକାଶିତ ତଥ୍ୟ ଅନୁସାରେ ଫୁଟବଲ୍ ପରେ କ୍ରିକେଟ୍ ହେଉଛି ବିଶ୍ୱର ଦ୍ୱିତୀୟ ଲୋକପ୍ରିୟ ଖେଳ ।

ଆଇସିସି ପୁରୁଷ କ୍ରିକେଟ୍ ବିଶ୍ୱକପ୍ ଭାବରେ ଆନୁଷ୍ଠାନିକ ଭାବରେ ଜଣାଶୁଣା କ୍ରିକେଟ୍ ବିଶ୍ୱକପ୍ ହେଉଛି ଏକ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ର ଆନ୍ତର୍ଜାତୀୟ ଚାମ୍ପିଅନସିପ୍ । ଏହି ପ୍ରତିଯୋଗିତାର କ୍ରୀଡ଼ା ପରିଚାଳନା ସଂସ୍ଥା, ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଦ୍ୱାରା ପ୍ରତି ଚାରି ବର୍ଷରେ ଆୟୋଜିତ ହୋଇଥାଏ ଏବଂ ପ୍ରାଥମିକ ଯୋଗ୍ୟତା ପର୍ଯ୍ୟାୟ ଫାଇନାଲ ଟୁର୍ନାମେଣ୍ଟକୁ ନେଇଥାଏ । ଏହି ଟୁର୍ନାମେଣ୍ଟ ବିଶ୍ୱର ସର୍ବାଧିକ ଦେଖାଯାଉଥିବା କ୍ରୀଡା ଇଭେଣ୍ଟ ମଧ୍ୟରୁ ଅନ୍ୟତମ ଏବଂ ଆଇସିସି ଦ୍ୱାରା 'ଆନ୍ତର୍ଜାତୀୟ କ୍ରିକେଟ୍ କ୍ୟାଲେଣ୍ଡରର ଫ୍ଲାଗସିପ୍ ଇଭେଣ୍ଟ' ଭାବେ ବିବେଚନା କରାଯାଏ । ୧୯୭୫ ମସିହାରେ ବିଶ୍ୱରେ ପ୍ରଥମ ଥର ପାଇଁ ଦିନିକିଆ ପୁରୁଷ କ୍ରିକେଟ୍ ବିଶ୍ୱକପ୍ (ଆନୁଷ୍ଠାନିକ ଭାବରେ ପ୍ରୁଡେନସିଆଲ କପ୍ କୁହାଯାଏ) ଉଦ୍ଘାଟନ ହୋଇଥିଲା । ଆନ୍ତର୍ଜାତୀୟ କ୍ରିକେଟ୍ ସମ୍ମିଳନୀ (ଆଇସିସି) ଦ୍ୱାରା ଆୟୋଜିତ ହୋଇଥିବା ଏହି ବିଶ୍ୱକପ୍ ଥିଲା ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ପ୍ରମୁଖ ଟୁର୍ନାମେଣ୍ଟ । ଏହା ଜୁନ୍ ୭ରୁ ଆରମ୍ଭ ହୋଇ

୨୧ ଜୁନରେ ସମାପ୍ତ ହୋଇଥିଲା । ୮ଟି ଦଳକୁ ଇଂଲଣ୍ଡର ଲଣ୍ଡନ, ଲିଡ୍ସ, ବର୍ମିଂହମ୍, ଲଣ୍ଡନ, ନଟିଙ୍ଗହମ୍, ମଞ୍ଚେଷ୍ଟର ଓ ଓଭାଲ୍ ସହରରେ ସର୍ବମୋଟ ୧୫ଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରୁଡେନସିଆଲ୍ ଆସୁରାନ୍ସ କମ୍ପାନୀ ଦ୍ୱାରା ପ୍ରାୟୋଜିତ ହୋଇଥିବା ଏହି ବିଶ୍ୱକପ ରେ ଆଠଟି ଦେଶ ଅଂଶଗ୍ରହଣ କରିଥିଲେ । ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲ୍ୟାଣ୍ଡ, ପାକିସ୍ଥାନ, ୱେଷ୍ଟଇଣ୍ଡିଜ୍ ଏବଂ ସେହି ସମୟରେ ଦୁଇଟି ଅଗ୍ରଣୀ ସହଯୋଗୀ ଦେଶ - ଶ୍ରୀଲଙ୍କା ଏବଂ ପୂର୍ବ ଆଫ୍ରିକା ଦଳଗୁଡିକ ଚାରୋଟି ଗ୍ରୁପ୍‌ରେ ବିଭକ୍ତ ହୋଇଥିଲେ । ପ୍ରତ୍ୟେକ ଦଳ ଥରେ ନିଜ ଗ୍ରୁପରେ ପରସ୍ପରକୁ ଭେଟିଥିଲେ । ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ଦୁଇଜଣ ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ୬୦ ଓଭର୍ ବିଶିଷ୍ଟ ଥିବା ପ୍ରତ୍ୟେକ ମ୍ୟାଚ୍ ପାରମ୍ପାରିକ ଧଳା ପୋଷାକ ଏବଂ ନାଲି ବଲରେ ଖେଳାଯାଇଥିଲା। ଗ୍ରୁପ୍ 'ଏ'ରେ ଭାରତ, ଇଂଲଣ୍ଡ, ନିଉଜିଲ୍ୟାଣ୍ଡ ଏବଂ ପୂର୍ବ ଆଫ୍ରିକା ଥିବା ବେଳେ ଗ୍ରୁପ୍ 'ବି'ରେ ଥିଲେ ଅଷ୍ଟ୍ରେଲିଆ, ପାକିସ୍ଥାନ, ୱେଷ୍ଟଇଣ୍ଡିଜ୍ ଏବଂ ଶ୍ରୀଲଙ୍କା । ରବିନ ପର୍ଯ୍ୟାୟରେ ଖେଳାଯାଇଥିବା ଏହି ବିଶ୍ୱକପ୍‌ର ଅବ୍ୟବହୃତ ପୂର୍ବରୁ ଦିନିକିଆ ମାନ୍ୟତାରେ କ୍ରିକେଟର ଜନକ ଇଂଲଣ୍ଡ ପ୍ରଥମ ସ୍ଥାନରେ ଥିବା ବେଳେ, ତତ୍କାଳୀନ ଦୁର୍ଦ୍ଧର୍ଷ ଦଳ ଭାବେ ଉଭାହୋଇଥିବା ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଏବଂ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ଦିନିକିଆ ମାନ୍ୟତାରେ ବିଶ୍ୱରେ ତୃତୀୟ ସ୍ଥାନ ଅଳଙ୍କୃତ କରିଥିଲା । ଅପେକ୍ଷାକୃତ ଅନଭିଜ୍ଞ ଥିବା ନିଉଜିଲ୍ୟାଣ୍ଡ, ଭାରତ ଏବଂ ପାକିସ୍ଥାନ ଦିନିକିଆ ମାନ୍ୟତାରେ ଯଥାକ୍ରମେ ଚତୁର୍ଥ, ପଞ୍ଚମ ଏବଂ ଷଷ୍ଠ ସ୍ଥାନରେ ଥିବା ବେଳେ ଶ୍ରୀଲଙ୍କା ଏବଂ ପୂର୍ବ ଆଫ୍ରିକା କୌଣସି ମାନ୍ୟତା ପ୍ରାପ୍ତ ହୋଇନଥିଲେ ।

୧୯୭୫ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ବିଶ୍ୱର ଏକ ନମ୍ବର ଦଳକୁ ସାମ୍ନା କରିଥିଲା ଭାରତ । ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାର ନିଷ୍ପତି ନେଇଥିଲେ ଇଂଲଣ୍ଡର ଅଧିନାୟକ ମାଇକ୍ ଡେନିସ୍। ୬୦ ଓଭର ବିଶିଷ୍ଟ ଏହି ଦିନିକିଆ ମ୍ୟାଚରେ ଡେନିସ୍ ଆମିସଙ୍କ ଶତକୀୟ ଇନିଂସ୍ ବଳରେ ଇଂଲଣ୍ଡ ଦଳ ୪ ୱିକେଟ ବିନିମୟରେ ୩୩୪ ରନର ପାହାଡ଼ ଛିଡାକରି ଅଧିନାୟକଙ୍କ ପ୍ରଥମ ବ୍ୟାଟିଂ ନିଷ୍ପତିକୁ ଯଥାର୍ଥ ପ୍ରତିପାଦନ କରିଥିଲେ । ପ୍ରତିପକ୍ଷ ଭାରତର ବିଜୟ ପାଇଁ ୩୩୫ ରନର ପାହାଡ଼ ଛିଡ଼ା କରିଥିବା ଇଂଲଣ୍ଡର ବୋଲିଂ ଆଗରେ ଭାରତୀୟ ବ୍ୟାଟ୍ସମ୍ୟାନ୍ ସମ୍ପୂର୍ଣ୍ଣ ଧରାଶାୟୀ ହୋଇପଡ଼ିଥିଲେ । ଇଂଲଣ୍ଡର ବୋଲିଙ୍ଗ ଏତେ ଉଚ୍ଚକୋଟୀର ଥିଲା ଯେ ଭାରତ ପକ୍ଷରୁ ଇନିଂସ ଓପନ କରିଥିବା ଲିଟିଲ୍ ମାଷ୍ଟର ସୁନୀଲ ଗାଭାସ୍କର ୧୭୪ ବଲ୍ ଖେଳି ୩୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତା ରହିଥିଲେ ମଧ ଭାରତର ସ୍କୋର୍ ୧୩୨/୩ ରନ୍‌ରେ ସୀମିତ ରହିଯାଇଥିଲା । ବିଶ୍ୱକପ୍ ଇତିହାସର ସବୁଠାରୁ ଧିମା ବା ମନ୍ଥର ଇନିଂସ୍ ଭାବେ ଅଲୋଡ଼ା ରେକର୍ଡର ଅଧିକାରୀ ହୋଇଗଲେ ସୁନୀଲ ଗାଭାସ୍କର । ଉଦ୍ଘାଟନୀ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ସୁନୀଲଙ୍କ ପାରି ଆଜି ପର୍ଯ୍ୟନ୍ତ କ୍ରିକେଟ ଇତିହାସର ସବୁଠାରୁ ଧିମା ଇନିଂସ୍ ଭାବେ ପରିଗଣିତ ହୁଏ ।ମ୍ୟାଚ୍ ବିଜୟୀ ଶତକୀୟ ପାଳି ପାଇଁ ଇଂଲଣ୍ଡର ବ୍ୟାଟସମ୍ୟାନ୍ ମାଇକ ଡେନିସଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳୀ ବିବେଚନା କରାଯାଇଥିଲା । ପ୍ରଥମ ମ୍ୟାଚରୁ ବିଜୟ ଅଭିଯାନ ଆରମ୍ଭ କରିଥିବା ଇଂଲଣ୍ଡ ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକରେ ଉଚ୍ଚକୋଟିର ଖେଳ ପ୍ରଦର୍ଶନ କରିଥିଲା । ଗ୍ରୁପ୍ ପର୍ଯ୍ୟାୟରେ ସର୍ବମୋଟ ୧୨ଟି ମ୍ୟାଚ୍ ଖେଳାଯାଇଥିଲା । ଗ୍ରୁପ୍ ପର୍ଯ୍ୟାୟରେ ଭାରତ ଓ ପାକିସ୍ଥାନ ଯଥାକ୍ରମେ ୩ ଟି ମ୍ୟାଚ୍‌ରୁ ୧ଟି ମ୍ୟାଚ ଜିତି ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ବେଳେ ଶ୍ରୀଲଙ୍କା ଏବଂ ପୂର୍ବ ଆଫ୍ରିକା କୌଣସି ମ୍ୟାଚ୍ ଜିତିନପାରି ବିଶ୍ୱକପର ସେମି ଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଥିଲେ । ଗ୍ରୁପ୍ 'ଏ'ରୁ ଇଂଲଣ୍ଡ ୩ ଟି ମ୍ୟାଚରୁ ୩ଟି ବିଜୟ ସହ ଏବଂ ନିଉଜିଲ୍ୟାଣ୍ଡ ୩ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲେ । ଅନୁରୂପ ଭାବେ ଗ୍ରୁପ୍ 'ବି'ରୁ ୱେଷ୍ଟଇଣ୍ଡିଜ ୩ଟିମ୍ୟାଚ୍‌ରୁ ୩ଟି ବିଜୟ ଓ ଅଷ୍ଟ୍ରେଲିଆ ୩ଟିରୁ ୨ଟି ମ୍ୟାଚ୍ ବିଜୟ ସହ ସେମିଫାଇନାଲରେ ପ୍ରବେଶ କରିଥିଲେ।

ଜୁନ ୧୮ରେ ଲିଡ୍ସରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିଲା ପୁରୁଷ କ୍ରିକେଟ ବିଶ୍ୱକପର ପ୍ରଥମ ସେମିଫାଇନାଲ । ଅଷ୍ଟ୍ରେଲିଆର ଦୃତ ବୋଲର ଗ୍ୟାରି ଗ୍ଲିମରଙ୍କ ଘାତକ ବୋଲିଂ (୧୨ ଓଭର, ୬ ମେଡେନ୍, ୧୪ରନ୍, ୬ ୱିକେଟ୍)ର ମୁକାବିଲା କରିନପାରି ବିଶ୍ୱକପର ପ୍ରମୁଖ ଦାବିଦାର ଥିବା ଇଂଲଣ୍ଡ ଦଳ ମାତ୍ର ୯୩ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ଇଂଲଣ୍ଡର ବ୍ୟାଟ୍ସମ୍ୟାନ ମାଇକ ଡେନିସ(୨୭) ଓ ଜିଅଫ ସ୍ନୋ (୧୮)କୁ ଛାଡ଼ିଦେଲେ କୌଣସି ଖେଳାଳୀ ଦୁଇ ଅଙ୍କ ସ୍କୋର କରିପାରିନଥିଲେ । ମାତ୍ର ୯୪ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲେଇଥିବା ଅଷ୍ଟ୍ରେଲିଆ ଦଳ ୨୮.୪ ଓଭରରେ ୬ ୱିକେଟ ହରାଇ ସହଜ ବିଜୟ ହାସଲ କରିନେଇଥିଲା । ଇଂଲଣ୍ଡ ବିପକ୍ଷରେ ବିଜୟ ସହ ଅଷ୍ଟ୍ରେଲିଆ ପ୍ରଥମ ଦଳ ଭାବେ କ୍ରିକେଟ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଥିଲା । ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲରେ ନିଉଜିଲ୍ୟାଣ୍ଡ ସାମ୍ନା କରିଥିଲା ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜକୁ। ୱେଷ୍ଟଇଣ୍ଡିଜର ଅଧିନାୟକ କ୍ଲାଇବ୍ ଲୟଡ୍ ଟସ୍ ଜିତି ନିଉଜିଲ୍ୟାଣ୍ଡକୁ ବ୍ୟାଟିଂ ପାଇଁ ନିମନ୍ତ୍ରଣ କରିଥିଲା । ଜିଓଫ୍ ହୋବର୍ଥଙ୍କ ଅର୍ଦ୍ଧଶତକ ବଳରେ ନିଉଜିଲ୍ୟାଣ୍ଡ ୧୫୮ ରନ୍ ସଂଗ୍ରହ କରିଥିଲେ ମଧ ତତ୍କାଳୀନ ୱେଷ୍ଟଇଣ୍ଡିଜର ବ୍ୟାଟ୍ସମ୍ୟାନ ଗର୍ଡନ ଗ୍ରିନିଜ୍ ଓ ଆଲ୍ଭିନ କାଳିଚରଣଙ୍କ ଅର୍ଦ୍ଧଶତକ ସହାୟତାରେ ୧୧୯ ବଲ ପୂର୍ବରୁ ୧୫୯ ରନ୍‌ର ବିଜୟ ଲକ୍ଷ୍ୟକୁ ସହଜରେ ହାସଲ କରିନେଇଥିଲେ ।

## ନଦୀ ଜଳ ବିବାଦ ସମାଧାନ ଜରୁରୀ



### ସୌଭାଗ୍ୟ ରଂଜନ ମହାନ୍ତି

ଆମ ଦେଶରେ ନଦୀ ଜଳକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ନୂଆ ନୁହେଁ। ଗଙ୍ଗା, ଗୋଦାବରୀ, କାବେରୀ, ମହାନଦୀଠାରୁ ଆରମ୍ଭ କରି ଯମୁନା ପର୍ଯ୍ୟନ୍ତ ଦେଶ ଭିତରେ ପ୍ରବାହିତ ବହୁ ଛୋଟ ଓ ବଡ ନଦୀର ଜଳକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ବିବାଦ ଏବେ ଜନଜୀବନକୁ ପ୍ରଭାବିତ କରିଛି। କେଉଁଠି ନଦୀ ଜଳକୁ ନେଇ ରାଜ୍ୟ-ରାଜ୍ୟ ମଧ୍ୟରେ ଆଇନଗତ ଲଢେଇ କେଉଁଠି ଦୁଇ ପଡୋଶୀ ରାଜ୍ୟର ଜନସାଧାରଣ ମୁହାଁମୁହିଁ ହୋଇଛନ୍ତି। ତେବେ ଦକ୍ଷିଣ ଭାରତରେ ଗଙ୍ଗା ଭାବେ ପରିଚିତ 'କାବେରୀ' ନଦୀର ଜଳକୁ ନେଇ ଦୁଇ ପଡୋଶୀ ରାଜ୍ୟ କର୍ଣ୍ଣାଟକ - ତାମିଲନାଡୁର ଜନସାଧାରଣଙ୍କ ବିବାହ ଉଗ୍ରରୂପ ଧାରଣ କରିଛି। ଦୁଇ ରାଜ୍ୟର ଲୋକଙ୍କ ମଧ୍ୟରେ ସଂଘର୍ଷ, ପୋଡାଜଳା ଆଦି ଘଟଣା ଘଟିଥିବା କୁହାଯାଇଛି। ଯାହାକି ପରିସ୍ଥିତିକୁ ଆହୁରି ହିଂସାମୁଖୀ କରିଦେଇଛି। କହିବା ବାହୁଲ୍ୟ ଯେ, କାବେରୀ ଜଳକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଦଶନ୍ଧି ଦଶନ୍ଧି ଧରି ଲାଗି ରହିଛି। ସରକାରୀ ଭାବେ ଜଳ ବିବାଦର ସମାଧାନ ହୋଇଥିବା କୁହାଯାଇଥିବା ବେଳେ ବାସ୍ତବରେ ତାହା ହୋଇନଥିବା ନିସନ୍ଦେହରେ କୁହାଯାଇପାରେ। ଏବେ ଦୁଇ ରାଜ୍ୟ ପୁଣି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ଏବଂ ଉଭୟ ରାଜ୍ୟର ଲୋକଙ୍କ ମଧ୍ୟରେ ହିଂସାତ୍ମକ ଆଚରଣ, ଏହି ସଂକେତ ପ୍ରଦାନ କରୁଛି। ଜଳ ବଂଟନ ନେଇ ତାମିଲନାଡୁ ଦାୟର କରିଥିବା ଏକ ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ କୌଣସି ହସ୍ତକ୍ଷେପ କରିବେ ନାହିଁ ବୋଲି କହିଛନ୍ତି। ଅନ୍ୟପକ୍ଷରେ ତାମିଲନାଡୁକୁ ଦୈନିକ ୩୦୦୦ କ୍ୟୁସେକ ଜଳ ଦେବା ପାଇଁ କାବେରୀ ଜଳ ନିୟନ୍ତ୍ରକ କମିଟିର ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବା ପାଇଁ କର୍ଣ୍ଣାଟକ ସରକାର ନିଷ୍ପତି ଗ୍ରହଣ କରିଛନ୍ତି। ଜଳକୁ ନେଇ ପରିସ୍ଥିତି ଏପରି ହୋଇଛି ଯେ, ନିକଟ ଭବିଷ୍ୟତରେ କାବେରୀ ଜଳ ବିବାଦର ସ୍ଥାୟୀ ସମାଧାନ ଆଶା ନାହିଁ। ଆମ ଦେଶରେ ନଦୀ ଜଳ ବିବାଦର ସମାଧାନ ପାଇଁ ପୃଥକ ପୃଥକ ୫ଟି ଟ୍ରିବ୍ୟୁନାଲ ରହିଛି। କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ ଏବେ ଅନ୍ୟ ଟ୍ରିବ୍ୟୁନାଲଗୁଡିକ ନକଲ ବା ପ୍ରତିକୃତୀ ପାଲଟିଥିବା ମନେହୁଏ। ମହାନଦୀର ଜଳକୁ ନେଇ ଓଡିଶା ଛତିଶଗଡ ମଧ୍ୟରେ ବିବାଦ ଏବେ ମହାନଦୀ ଟ୍ରିବ୍ୟୁନାଲର ବିଚାରଧୀନ ରହିଛି। ଦେଶରେ ଜଳ ବିବାଦର ସମାଧାନ ଲାଗି ଦଶନ୍ଧି ଦଶନ୍ଧି ଧରି ଟ୍ରିବ୍ୟୁନାଲରେ ମାମଲାର ଶୁଣାଣୀ ଚାଲିଥିବାବେଳେ କେବେ ଫଇସଲା ହେବ, ତାହା କେହି କହିପାରିବେ ନାହିଁ। ପରିଣତି ସ୍ୱରୂପ ଦୁଇ ପଡୋଶୀ ରାଜ୍ୟ ମଧ୍ୟରେ ବିବାଦ ମଧ ଉଗ୍ରରୂପ ନେବାରେ ଲାଗିଛି। ବିଶେଷାଙ୍କ ମତରେ ଟ୍ରିବ୍ୟୁନାଲରେ ମାମଲାର ଫଇସଲା ହେଉଛି ସତ, ମାତ୍ର ତାହା ବିବାଦକୁ ସମାଧାନ କରିପାରିନାହିଁ। କାବେରୀ ଜଳ ବିବାଦର ସମାଧାନ ପାଇଁ ଟ୍ରିବ୍ୟୁନାଲ ରାୟ ଦେଇଛି ସତ ମାତ୍ର ତାହା ଉଭୟ ପକ୍ଷଙ୍କୁ ସନ୍ତୁଷ୍ଟ କରିବାରେ ବିଫଳ। ଗୋଟିଏ ପକ୍ଷ ସନ୍ତୁଷ୍ଟ ହୋଇଥିବା ସମୟରେ ଅନ୍ୟପକ୍ଷ ଅସନ୍ତୁଷ୍ଟ। ଯାହାର ପ୍ରତିଫଳନ ସାଂପ୍ରତିକ କର୍ଣ୍ଣାଟକ -ତାମିଲନାଡୁ ବିବାଦରୁ ସ୍ପଷ୍ଟ ଅନୁମେୟ। ଉଲ୍ଲେଖଯୋଗ୍ୟ ଯେ, ଟ୍ରିବ୍ୟୁନାଲର ଫଇସଲା କେବଳ ସ୍ଥାୟି ଫର୍ମୁଲା ଉପରେ ପର୍ଯ୍ୟବେସିତ। ଯାହାକି ପୁନର୍ବାର ବିବାଦର କାରଣ ହୋଇଥାଏ। ସାଧାରଣ ଟ୍ରିବ୍ୟୁନାଲ ଗୁଡିକ ଆନ୍ତର୍ଜାତିକ ଏବଂ ସର୍ତ୍ତ, ପାରସ୍ପରିକ ଲାଭ ଏବଂ ଜଳବଂଟନର କାରଣ ଉପରେ ପର୍ଯ୍ୟବେସିତ ହୋଇଥିବାବେଳେ ଆଇନଗତ ଦୃଷ୍ଟି ଏହାର ବୈଧତା ଶତପ୍ରତିଶତ ନୁହେଁ। ଯେଉଁଥିପାଇଁ ପୁନର୍ବାର ବିବାଦ ମୁଣ୍ଡ ଟେକିବା ସହ ସମାଧାନ ମଧ ବିଳମ୍ବ ହୋଇଥାଏ। ଉଲ୍ଲେଖଯୋଗ୍ୟ କରାଯାଇପାରେ ଜଳ ବିବାଦ ଆଇନ-୧୯୫୬ ଅନୁଯାୟୀ ଟ୍ରିବ୍ୟୁନାଲ ହେଉଛି ବିବାଦ ସମାଧାନର ମୁଖ୍ୟସଂସ୍ଥା । ମାତ୍ର ତାହା ସୁପ୍ରିମକୋର୍ଟଙ୍କ ସମୀକ୍ଷାର ପରିସରଭୁକ୍ତ। ଯେଉଁଥିପାଇଁ କି ଅସନ୍ତୁଷ୍ଟ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେବା ସ୍ୱାଭାବିକ। ଏବେ ବିଭିନ୍ନ ଟ୍ରିବ୍ୟୁନାଲର ଫଇସଲା ମଧ ସୁପ୍ରିମକୋର୍ଟଙ୍କ ବିଚାରଧୀନ ରହିଛି। ପାର୍ଲିଆମେଂଟରେ ଆନ୍ତରୀଣ ଜଳ ବିବାଦ(ସଂଶୋଧନ) ଆଇନ-୨୦୧୭ ଅନୁମୋଦିତ ହୋଇଛି। ଦେଶରେ ଜଳବିବାଦର ସମାଧାନ ପାଇଁ ଏକ ସ୍ଥାୟୀ ଟ୍ରିବ୍ୟୁନାଲ ପ୍ରତିଷ୍ଠା ଏବଂ ମଧ୍ୟସ୍ଥତା କମିଟି ଗଠନ ପାଇଁ ସଂଶୋଧିତ ଆଇନରେ ବ୍ୟବସ୍ଥା ରହିଛି। ବର୍ତମାନ ସୁଦ୍ଧା ଏହି ସଂଶୋଧିତ୍ ଆଇନ କାର୍ଯ୍ୟକାରୀ ହୋଇପାରିନାହିଁ। ଜଳବାୟୁ ବିଶେଷଜ୍ଞଙ୍କ ଚେତାବନୀ ଅନୁଯାୟୀ ଆସନ୍ତା ୨୦୫୦ ମସିହା ବେଳକୁ ଦେଶରେ ଜଳସଂକଟ ଉତ୍କଟ ହେବ। କାବେରୀ, ମହାନଦୀ, ସମେତ ଦେଶର ବହୁ ନୀଜର ଜଳସ୍ତର ପାଇବା ସହ ମରୁଡି ବର୍ଷଗୁଡିକରେ ପରିସ୍ଥିତି ଆହୁରି ଉତ୍କଟ ହେବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏଲ-ନିନୋର ପ୍ରଭାବ, ଅନିୟମିତ ମୌସୁମୀ ବର୍ଷା ଏହାର ମୁଖ୍ୟ କାରଣ। ତେଣୁ ଜଳ ବିବାଦର ସମାଧାନ ଆଶାକ୍ଷୀଣ। କେବଳ ସଂରକ୍ଷଣ ଦ୍ୱାରା ଜଳ ସଂକଟକୁ ଏଡାଇ ଦିଆଯାଇପାରିବ। ଏଥିପ୍ରତି ସରକାର ଅଗ୍ରାଧିକାର ଦେବା ଜରୁରୀ। ସେହିପରି ଏକକ ଟ୍ରିବ୍ୟୁନାଲ ବ୍ୟବସ୍ଥା ଆଇନଗତ ଭାବେ ଅଧିକା କ୍ଷମତା ପ୍ରଦାନ ସହ ଟ୍ରିବ୍ୟୁନାଲର ରାୟକୁ କାର୍ଯ୍ୟକାରୀ କରିବା ପାଇଁ ଅଧିକ କ୍ଷମତା ପ୍ରଦାନ କରାଯିବାର ଆବଶ୍ୟକତା ରହିଛି। ଅନ୍ୟଥ୍ୟ ଜଳ ବିବାଦ ଅଧିକ ଉଗ୍ର ରୂପନେବା କେବଳ ସାର ହେବ।

ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ: ୯୪୩୭୯୯୪୩୭୯




### ଉପସ୍ଥିତି

#### ଦିନେଶ ମେହେର



ଏତେ ଖୋଜିଲା ପରେ
କେଉଁଠି ପାଇଲ କି ଆତ୍ମୀୟତା ?

ଜାଣିଛ ?
ତମର ସବୁ କ୍ରିୟା କଳାପ ପଛରେ
କେବଳ ଜଣକର ହିଁ ହାତ ଥାଏ,
ତମ ଅତୀତ
ତମ ବର୍ତ୍ତମାନ
ଆଉ ତମ ଭବିଷ୍ୟତ ର ସମସ୍ତ ପର୍ବ
ଜଣକର ଦ୍ୱାରା ସାଧିତ ହୁଏ,
ସେ କେବଳ ମୁଁ !

ତେବେ କେମିତି ଭାବି ପାରୁଛ
ମୋ ବିନା ତମ ଦୁନିଆକୁ
ଶରତ ଆସିବ,
ଋତୁଚକ୍ର ବଦଳିବ
ମୋ ଅନୁପସ୍ଥିତିରେ ?

ତଥାପି
ତମେ ଜାରି ରଖିପାର
ତୁମର ପ୍ରଚେଷ୍ଟା,
ମୋ ବିରୋଧୀ ହେବା ସକାଶେ
ନିଜକୁ ପ୍ରସ୍ତୁତ କରିପାର !

ପାରିବ ତ
ଲିଭେଇ ଦେବ
ସେଇ ଦୀପ ଶିଖାରୁ ନିଆଁ,
ଯାହା ତମେ ଜଳେଇ ଥିଲ
ଚିର ଅଖଣ୍ଡ ସଜେଇ,
ସ୍ୱାଭିମାନର ଜୟଗାନ୍ କରି
ନିଜକୁ ସାବ୍ୟସ୍ତ କରିଥିଲ
ମୋ ସାମ୍ନାରେ ଚିରୋପକୃତା !

ଦେଖୁଛ ତ
ବର୍ତ୍ତମାନ ତମର ସବୁ ଷଡ଼ଯନ୍ତ୍ର
କେମିତି ବିଫଳ ପରେ ବିଫଳ ହେଇ
ଚାଲିଛି,
କେମିତି ନିଜେ ଜଡ଼ ପାଲଟି ଯାଇଛ
ମୋ ସହାନୁଭୂତି ବିନା,
ହସିବା ବି ତୁମପାଇଁ ବାଧ
ବାଧକତା !
ତେବେ କେମିତି ଭାବି ପାରୁଛ ଯେ
ମୁଁ ମୂଲ୍ୟହୀନ ତୁମ ସାମ୍ନାରେ !

ପଳାସ, କଳାହାଣ୍ଡି।

### କ୍ଷେତ

#### ସୁଦିପ୍ତ ପାଣି



ନୀଳ ବର୍ଣ୍ଣ ଆକାଶେ ଯାଇଛି ମେଘ ଘୋଟି
ସତେ ଶୂନ୍ୟେ ଖେଳୁଅଛି ଅସଂଖ୍ୟ କୁଝଟି।

ମେଘନାଦ ପ୍ରାଚୀର ତୁଲ୍ୟ ଦିଶେ ଅଚଳ
ଅଟକାଏ ସେ ମହାନଦୀର ବନ୍ୟା ଜଳ।

ଧାନ କ୍ଷେତର ଶୋଭା ଦିଶଇ ମନୋଲୋଭା
ଚାଷୀ ହାତବାଜି ଧାନ ହୋଇଉଠେ ଉଭା।

କୃଷକ ପରିଶ୍ରମ କେବେ ବୃଥା ଯାଏନି
ବାଟିଆ, ଖେଳୁଆ କରି ବାଛିବା ଛାଡେନି।

ଯେତେ କଷ୍ଟ ପଡୁ ପଛେ ଖରାକୁ ଡରେନି
ହସ୍ତେ ଦାଆ ଥିଲେ ଖାଲି ହାତେ ଫେରେନି।

ଚାଷୀର ବିରତ୍ଵ ଜାଣ କ୍ଷେତ ଦେଖିକରି
ଚାଉଳରୁ ଗୋଡି ପରି ଘାସ ଦିଏ କାଢି ।

ଖରା ଯେତେ ହୋଇଲେ ବି ତାଙ୍କୁ କାଟେ ନାହିଁ
ଆମେ ଟିକେ ଛିଡ଼ା ହେଲେ ଛାଇ ଖୋଜୁ କାହିଁ ?

ଚାଷୀ ଟିଏ ଶିର ସିଧା ଦେଖିଲେ ରବିକୁ
ଭୁଞ୍ଜିବାକୁ ଚାଲିଆସେ ନିଜର ବାସକୁ।

ଝାଜିଆ, ବଡ଼ମ୍ବା , କଟକ

### ସହୀଦ ବାଜିରାଉତ

#### ଜଗଦୀଶ ସାହୁ



ବ୍ରାହ୍ମଣୀ ନଦୀର କୂଳରେ
ଏକ ଛୋଟିଆ ଗାଆଁ
ନୀଳକଣ୍ଠପୁର ନାମରେ
ପରିଚିତ ତା ନାଆଁ !
ବାର ବରଷର ବାଜିଆ
ସେଇ ଗାଆଁ କୁମର
ଧନ୍ୟ ଦେଶପ୍ରୀତି ସାହସ
ତାକୁ କୋଟି ଜୁହାର !
ନାଆ ବାହୁଥିଲା ଘାଟରେ
ଆସି ସିପାହୀ ଦଳେ
ଡାକଦେଲେ ଉଚ୍ଚପାଟିରେ
ବାଜି ନଶୁଣେ ତିଳେ !
କାଲା ହୋଇଲୁକି ନାଉରୀ
ଆମେ ଯିବୁ ସେପାରି
ପାର କରିଦେଇ ପାଉଣା
ନେଇଯାଅ ତୋହରି !
ବିଦେଶୀ ଜାତିଙ୍କ କଥାକୁ
କଲାନାହିଁ ଖାତର
ବୀରଦର୍ପେ ଟେକି ମଥାକୁ
ବାଜି ଦେଲା ଉତ୍ତର !
ଯାହା ପ୍ରଜାମେଳି ଆଦେଶ
ତାହା ମାନିବି ମୁହିଁ
ଫେରିଯାଅ ତୁମେ ସ୍ୱଦେଶ
ପାର କରିବି ନାହିଁ !
ବନ୍ଧୁକ ଗରଜି ଉଠିଲା
ଗୁଳି ଦେଲେ ଫୁଟେଇ
ବାଜିଆ ଦେହରେ ବାଜିଲା
ରକତ ହେଲା ନଈ !
ବାର ବରଷର ବାଳକ
ସେଠି ଟଳି ପଡିଲା
ଯଶ ରହିଗଲା କାଳକ
ବାଜି ସହୀଦ ହେଲା !

ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ-୭୫୯୧୨୮
ମୋ : ୯୦୭୮୧୮୫୬୧୬

## ପୁରୀରେ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

ପୁରୀ, ୦୫/୧୦ (ନି.ପ୍ର): ଦୁର୍ଗାପୂଜା ଓ ଭସାଣୀ ଉତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପର୍ଣ୍ଣ କରିବା ଉଦ୍ଦେଶ୍ୟରେ ଏକ ପ୍ରସ୍ତୁତି ବୈଠକ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ସମର୍ଥ ବର୍ମା ଦୁର୍ଗାପୂଜା ଆନନ୍ଦ ଉଲ୍ଲାସର ପର୍ବ ହୋଇଥିବାରୁ ପ୍ରତ୍ୟେକ ଶୃଙ୍ଖଳାର ସହ ଏହାକୁ ପରିଚାଳନା କରିବାକୁ ଅନୁରୋଧ କରିଥିଲେ। ଗତବର୍ଷ ସମସ୍ତଙ୍କ ସହଯୋଗରେ ପୂଜା ଓ ଭସାଣୀ ଶୃଙ୍ଖଳାର ସହ ସମାପନ ହୋଇଥିବାରୁ ଜିଲ୍ଲାପାଳ ସମସ୍ତ ପୂଜା କମିଟିର କର୍ମକର୍ତା ଓ ବିଭିନ୍ନ ବିଭାଗକୁ ଧନ୍ୟବାଦ ଜଣାଇଥିଲେ। ବୈଠକର ନିଷ୍ପତି ଅନୁସାରେ, ଦଶହରା ଅକ୍ଟୋବର ୨୪ ତାରିଖରେ ଓ ଭସାଣୀ ଉତ୍ସବ ୨୫ ତାରିଖରେ ଅନୁଷ୍ଠିତ ହେବ। ଅକ୍ଟୋବର ୨୦ ତାରିଖରେ ଷଷ୍ଠୀ, ୨୧ ତାରିଖରେ ମହାସପ୍ତମୀ, ୨୨ ତାରିଖରେ ମହାଷ୍ଟମୀ, ୨୩ ତାରିଖରେ ନବମୀ ଅନୁଷ୍ଠିତ ହେବ। ପୂଜା ସମୟରେ ପ୍ରତ୍ୟେକ ପୁଜା କମିଟି ଉପଯୁକ୍ତ କର୍ତୃପକ୍ଷଙ୍କ ଠାରୁ ଅନୁମତି ନେବା ସହ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା, ରାସ୍ତା ଅବରୋଧ ନ କରିବା, ସ୍ୱଚ୍ଛତା ବ୍ୟବସ୍ଥା କରିବେ। ଭସାଣୀ ଦିନ ସିଂହଦ୍ୱାର ଠାରେ ସମସ୍ତ ମେଢ଼ ଗୁଡିକ ଏକତ୍ରିତ ହେବେ। ସେଠାରେ ମେଢ ପ୍ରଦର୍ଶନ କରାଯିବା ପରେ ଭସାଣୀ ଉତ୍ସବ ଅନୁଷ୍ଠିତ ହେବ। ମେଢ ଗୁଡିକ ପୌରପାଳିକା ପକ୍ଷରୁ ପ୍ରସ୍ତୁତ ଶ୍ରୀ ସେତୁ ନିକଟ ମୂଷା ନଈର ଅସ୍ଥାୟୀ ପୋଖରୀରେ ବିସର୍ଜିତ ହେବେ। ରାସ୍ତା ଘାଟରେ, ବିସର୍ଜନ ସ୍ଥଳରେ ମୁନିସିପାଲିଟି ପକ୍ଷରୁ ଆଲୋକ ବ୍ୟବସ୍ଥା, କ୍ରେନ ବ୍ୟବସ୍ଥା, ଆରକ୍ଷୀ ବିଭାଗ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା, ଟ୍ରାଫିକ ନିୟନ୍ତ୍ରଣ, ଅଗ୍ନିଶମ ବିଭାଗ ପକ୍ଷରୁ ଅଗ୍ନି ନିର୍ବାପକ ଓ କୌଣସି ଦୁର୍ଘଟଣା ପାଇଁ ପଦକ୍ଷେପ ନେବା, ପୂଜା ଓ ଭସାଣୀ ସମୟରେ ପାନୀୟ ଜଳ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ରାସ୍ତା ଘାଟ ମରାମତି ଇତ୍ୟାଦି ବ୍ୟବସ୍ଥା ସମ୍ପୃକ୍ତ ବିଭାଗ ମାନେ କରିବାକୁ ଅନୁରୋଧ କରାଗଲା।

## ଗାନ୍ଧୀ ପଦଯାତ୍ରା ସ୍ମାରକୀ ପୀଠରେ ମିଳୁନି ପାନୀୟ ଜଳ: ଆରମ୍ଭରୁ ଅଚଳ ୪.୬୭ ଲକ୍ଷର ପ୍ରକଳ୍ପ



ବାଲିଅନ୍ତା, ୦୫/୧୦ (ନି.ପ୍ର): ଟଙ୍କପାଣି ବ୍ରିଜ୍ ଉପରେ ଗାନ୍ଧୀ ପଦଯାତ୍ରା ସ୍ମାରକୀ ପୀଠରେ ପାନୀୟ ଜଳ ମିଳୁନି। ୨ ବର୍ଷ ତଳେ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ପକ୍ଷରୁ ଏଠାରେ ପଞ୍ଚଦଶ ଅର୍ଥ କମିସନ ଅନୁଦାନରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ହେଁ ତାହା ଆରମ୍ଭରୁ ଅଚଳ ହୋଇପଡ଼ିଛି। ଫଳରେ ଏଥିପାଇଁ ବ୍ୟୟ ହୋଇଥିବା ୪ ଲକ୍ଷ ୬୭ ହଜାର ଟଙ୍କା ପାଣିରେ ପଡ଼ିଲା ବୋଲି ଚର୍ଚ୍ଚା ହେଉଛି। ବିଭାଗୀୟ ଅଧିକାରୀମାନଙ୍କ ବେପରୁଆ କାମ ପାଇଁ ରାଜକୋଷରୁ ବିପୁଳ ଅର୍ଥ ବ୍ୟୟ ହେବା ପରେ ପ୍ରକଳ୍ପଟି ଲୋକଙ୍କ କାମରେ ଆସିଲା ନାହିଁ ବୋଲି ଅଭିଯୋଗ ହେଉଛି। ଟଙ୍କପାଣି ବଜାର ଓ ଗାନ୍ଧୀ ପୀଠସ୍ଥଳ ଥିବା ନଦୀବନ୍ଧ ରାସ୍ତାରେ ପ୍ରତିଦିନ ସବୁ ସମୟରେ ଶହଶହ ପଥଚାରୀ ଯାତାୟାତ କରୁଛନ୍ତି। ଗାନ୍ଧୀ ପଦଯାତ୍ରାର ସ୍ମାରକୀ ଦେଖିବା ପାଇଁ ଏଠାରେ ପଥଚାରୀମାନେ ଅଟକୁଥିବା ବେଳେ ବହୁ ପର୍ଯ୍ୟଟକ ମଧ ଏଠାକୁ ଆସୁଛନ୍ତି। ତେଣୁ ପଥଚାରୀ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏଠାରେ ଥଣ୍ଡା ପାନୀୟ ଜଳ ପ୍ରକଳ୍ପ ଆବଶ୍ୟକ ଥିଲା ଏବଂ ଏହି ସମସ୍ୟା ଦୂର କରିବାକୁ ୨୦୨୦/୨୧ ଆର୍ଥିକ ବର୍ଷରେ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ପକ୍ଷରୁ ଏହି ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଆରମ୍ଭ କରାଯାଇଥିଲା। ବୋରୱେଲ ଖନନ କରାଯିବା ସହ ୩୦ ଫୁଟ୍ ଲୁହା ଆଙ୍ଗଲ୍ ଷ୍ଟେଜିଂ ବେସ୍ ଉପରେ ୨ ହଜାର ଲିଟର ଜଳଧାରଣ କରୁଥିବା ପିଭିସି ଓଭରହେଡ୍ ଟ୍ୟାଙ୍କ ବସାଯାଇଥିଲା। ସେହିଭଳି ମଟର ଚାଲିବା ପାଇଁ ପାଣି ଟ୍ୟାଙ୍କ୍ ଉପରେ ସୋଲାର ପ୍ୟାନେଲ୍ ବୋର୍ଡ ଖଞ୍ଜା ଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବେ ଏହି ପ୍ରକଳ୍ପରୁ ଦିନକ ପାଇଁ ବି ଜଳଯୋଗାଣ ହୋଇପାରିଲା ନାହିଁ। ନିର୍ମାଣ ହେବା ପରଠୁ ଏନେଇ କେହି ବି ତତ୍ପରତା ପ୍ରଦର୍ଶନ କରୁନାହାନ୍ତି। ବୋରୱେଲ, ପାଣିଟାଙ୍କି, ସୋଲାର୍ ପ୍ୟାନେଲ୍ ଓ ଅନ୍ୟାନ୍ୟ ଉପକରଣ ସବୁ ପଡ଼ିପଡ଼ି ନଷ୍ଟ ହୋଇଗଲାଣି। ଏନେଇ ସରପଞ୍ଚ ରମାଲତା ନାୟକଙ୍କ କହିବା କଥା ସେ ଦାୟିତ୍ୱ ନେବା ପୂର୍ବରୁ ପ୍ରକଳ୍ପ କାର୍ଯ୍ୟ ସରିଥିଲା। ତେଣୁ ତାଙ୍କ ନିକଟରେ ବେଶି କିଛି ସୂଚନା ନାହିଁ। ତୁରନ୍ତ ସେ ବିଡିଓଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

## ବନ ବିଭାଗ ହାତରୁ ଛଡ଼ାଇ ନେଲେ ଜବତ ବାରହା: ଡିଗିରିଆରେ ଶିକାରୀଙ୍କ ପ୍ରାଦୁର୍ଭାବ, ବନ୍ୟଜନ୍ତୁ ଅସୁରକ୍ଷିତ

ତିଗିରିଆ, ୦୫/୧୦ (ନି.ପ୍ର): କଟକ ଜିଲ୍ଲା ତିଗିରିଆ ଅଞ୍ଚଳରେ ଶିକାରୀଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବଢ଼ିବାରେ ଲାଗିଛି। ଗତବର୍ଷ ତିଗିରିଆ ବ୍ଲକ୍‌ର ଭିରୁଡ଼ା ଜଙ୍ଗଲରେ ଫାଶରେ ପଡ଼ି ଏକ କଲରାପତରିଆ ବାଘର ମୃତ୍ୟୁ ଘଟିଥିଲା। ଏହି ଘଟଣା ରାଜ୍ୟସାରା ଚର୍ଚ୍ଚାର ବିଷୟ ହୋଇଥିଲା। ଏହାପରେ କ୍ରମାଗତ ବିଦ୍ୟୁତ୍ ତାର ବିଛାଇ ଶିକାରୀମାନେ ନିର୍ବିଘ୍ନରେ ବାରହା ଓ ବନ୍ୟଜନ୍ତୁଙ୍କ ଶିକାର କରିଚାଲିଛନ୍ତି। ଏପରି କି, ବେଲଗାମ ଶିକାରୀ ବନ ବିଭାଗ କର୍ମଚାରୀଙ୍କୁ ଧମକଚମକ ଦେଇ ଜବତ ବାରହା ଛଡ଼ାଇ ନେବାକୁ ପଛାଇ ନ ଥିବା ଦେଖିବାକୁ ମିଳିଛି। ତିଗିରିଆ ଅଚଳକୋଟ ପଞ୍ଚାୟତର ହରିଡ଼ାପଶି ଗ୍ରାମରେ ଆଜି ଏଭଳି ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଏହା ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ବନ ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ପରେ ଏକ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଛି। ବନ ବିଭାଗର ଅଭିଯୋଗ ମୁତାବକ, ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ବନରକ୍ଷୀ ପ୍ରମିଷ୍ଠା ପ୍ରିୟଦର୍ଶିନୀଙ୍କ ସମେତ କର୍ମଚାରୀମାନେ ତିଗିରିଆ ଥାନା ଅଚଳକୋଟ ପଞ୍ଚାୟତ ଅନ୍ତର୍ଗତ ହରିଡ଼ାପଶି ଗ୍ରାମ ନିକଟ କାଳିଚାବଲ୍ଲଭ ସଂରକ୍ଷିତ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଗ୍ରାମ ଅନତି ଦୂର ଜରିତଇଲା କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ନିକଟରେ ସେହି ଗ୍ରାମର ବର୍ଣ୍ଣି ରାଉତ, ଅମୂଲ୍ୟ ରାଉତ, ସୋନୁ ରାଉତ ପ୍ରମୁଖ ଫାଶ ଦ୍ୱାରା ୧ କ୍ୱିଣ୍ଟାଲ୍‌ରୁ ଅଧିକ ଓଜନର ବାରହା ଶିକାର କରିଥିବା ଖବର ମିଳିଥିଲା। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଯିବାରୁ ଶିକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ବନ ବିଭାଗ କର୍ମଚାରୀ ମୃତ ବାରହାକୁ ଜବତ କରି ଗାଡ଼ିରେ ନେବାକୁ ପ୍ରସ୍ତୁତ ହେଉଥିଲା ବେଳେ ଶିକାରୀମାନେ ସଂଘବଦ୍ଧ ଭାବେ ସେଠାରେ ପହଞ୍ଚି ଯାଇଥିଲେ। ସେମାନେ ବନ ବିଭାଗ କର୍ମଚାରୀଙ୍କୁ ଠେଲାପେଲା କରିବା ସହ ଧମକ ଦେଇ ଜବତ ବାରହା ଛଡ଼ାଇ ନେଇ ଯାଇଥିଲେ ବୋଲି ବନରକ୍ଷୀ ପ୍ରମିଷ୍ଠା ପ୍ରିୟଦର୍ଶିନୀ ତିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ତିଗିରିଆ ଥାନାରେ ଏକ ମାମଲା (କେସ ନମ୍ବର- ୨୦୪/୨୩) ରୁଜୁ କରି ପୁଲିସ ଅଭିଯୁକ୍ତମାନଙ୍କ ଘର ଉପରେ ଚଢ଼ଉ କରିଛି ବୋଲି ଆଇଆଇସି ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି। ତେବେ ଉକ୍ତ ଘଟଣା ପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ଶ୍ରୀ ସାମଲ ପ୍ରକାଶ କରିଛନ୍ତି।

## ଚିନ୍ତା ବଢ଼ାଇଲାଣି ସ୍କ୍ରବ୍ ଟାଇଫସ୍: ବର୍ଷକରେ ୮୦% ବୃଦ୍ଧି

ଭୁବନେଶ୍ୱର, ୦୫/୧୦ (ନି.ପ୍ର): ରାଜ୍ୟରେ ସ୍କ୍ରବ୍ ଟାଇଫସ୍ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି ପଶ୍ଚିମ ଓଡ଼ିଶାର ୩-୪ ଜିଲ୍ଲାରେ ସ୍ଥିତି ଅତ୍ୟନ୍ତ ସଂଗିନ ରହିଛି। ଇତିମଧରେ କେନ୍ଦ୍ରୀୟ ଟିମ୍ ଏସବୁ ଜିଲ୍ଲା ପରିଦର୍ଶନ କରି ଫେରି ଯାଇଛନ୍ତି। ମାତ୍ର କାହିଁକି ଏସବୁ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ବ୍ୟାପିଲା ସେ ସଂପର୍କରେ କିଛି ସ୍ପଷ୍ଟ କରିନାହାନ୍ତି। ଏଭଳି ସଂକ୍ରମଣ ଆଉ କେତେଦିନ ଲାଗି ରହିବ ସେ ସଂପର୍କରେ ସରକାରଙ୍କ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ରାଜ୍ୟରେ ଜୁନ୍ ମାସରୁ ଡେଙ୍ଗୁ ସଂକ୍ରମଣ ଲୋକଙ୍କୁ କଲବଲ କରୁଥିବା ବେଳେ ଏବେ ସ୍କ୍ରବ୍ ଟାଇଫସ୍ ଡେଙ୍ଗୁର ସ୍ଥାନ ନେଇଛି। ଡେଙ୍ଗୁ ମଶା କାମୁଡ଼ିବା ?ଯୋଗୁଁ ବ୍ୟାପୁଥିବା ବେଳେ ସ୍କ୍ରବ୍ ଟାଇଫସ୍ ଚିଗର୍ସ (ଏକପ୍ରକାର ଟିଙ୍କ) କାମୁଡ଼ିବା ଦ୍ୱାରା ହେଉଛି। ଦୁଇ ରୋଗର ଲକ୍ଷଣ ପ୍ରାୟତଃ ସମାନ ରହିଥିବାରୁ ଲୋକମାନେ ଏହାକୁ ନେଇ ଉଭୟ ରୋଗୀ ଓ ବିଶେଷଜ୍ଞ ଦ୍ୱନ୍ଦ୍ୱରେ ପଡୁଛନ୍ତି। ଅନ୍ୟପକ୍ଷରେ ଗତ ୩ବର୍ଷ ଧରି ରାଜ୍ୟରେ ସ୍କ୍ରବ୍ ଟାଇଫସ୍‌ର ସଂକ୍ରମଣ ନଜରକୁ ଆସୁଛି। ମାତ୍ର ଚଳିତବର୍ଷ ଏହି ସଂକ୍ରମଣ ସବୁ ରେକର୍ଡ ଭାଙ୍ଗିଛି। ମାଲକାନଗିରି, କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସବୁ ଜିଲ୍ଲାରେ ସ୍କ୍ରବ୍ ଟାଇଫସ୍ ସଂକ୍ରମଣ ଦେଖିବାକୁ ମିଳିଛି। ଧାନ ବିଲ ସହିତ ଜଙ୍ଗଲ ଆଦିକୁ ଯାଉଥିବା ଲୋକମାନେ ଏଥିରେ ଆକ୍ରାନ୍ତ ହେଉଛନ୍ତି। ଚଳିତବର୍ଷ ରାଜ୍ୟରେ ୨୮୨୦ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରେ ସର୍ବାଧିକ ୭୫୨, ବଲାଙ୍ଗୀର ୪୬୨, ସମ୍ବଲପୁର ୨୮୦, ସୁନ୍ଦରଗଡ଼ ୨୨୩, ଖୋର୍ଦ୍ଧା ୧୦୫, ପୁରୀ ୧୫୩ ଓ କ୍ୟାପିଟାଲ ହସ୍ପିଟାଲରୁ ୯୨ଜଣଙ୍କୁ ଚିହ୍ନଟ କରାଯାଇଛି। ଏଥିରେ ୮ଜଣଙ୍କ ମୃତ୍ୟୁ ହୋଇଛି। ମାତ୍ର ମୃତ୍ୟୁ ସରକାରଙ୍କ ପକ୍ଷରୁ ବିଧିବଦ୍ଧ ଘୋଷଣା କରାଯାଇନାହିଁ। ସ୍କ୍ରବ୍ ଟାଇଫସ୍ ଏହି ମାସଗୁଡ଼ିକରେ ବ୍ୟାପୁଥିବାରୁ ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଗତବର୍ଷ ୧୫୮୩ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତବର୍ଷ ତୁଳନାରେ ଚଳିତବର୍ଷ ସ୍କ୍ରବ୍ ଟାଇଫସ୍ ଆକ୍ରାନ୍ତଙ୍କ ସଂଖ୍ୟାରେ ୮୦% ବୃଦ୍ଧି ହୋଇଛି। ସେପଟେ ସ୍ଥିତିର ଗମ୍ଭୀରତା ଉପଲବ୍ଧି କରି କେନ୍ଦ୍ରୀୟ ଟିମ୍ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ଭିମ୍‌ସାର ବୁର୍ଲା ଓ ସମ୍ବଲପୁର ଜିଲ୍ଲା ଗସ୍ତ କରି ଅନୁଧ୍ୟାନ କରିଥିଲେ। ଗତକାଲି କେନ୍ଦ୍ରୀୟ ଟିମ୍ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିଛନ୍ତି। ଘରୋଇ ହସ୍ପିଟାଲରେ ରାପିଡ୍ କିଟ୍‌ରେ ପରୀକ୍ଷା ହେଉଥିବାରୁ ଏହା ବଦଳରେ ଏଲିସା ପଦ୍ଧତିରେ ପରୀକ୍ଷା କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଆବଶ୍ୟକ ସଂଖକ ଏଲିସା କିଟ୍? ଜିଲ୍ଲାସ୍ତରରେ ଉପଲବ୍ଧ କରିବା ଉପରେ ମଧ ଆଲୋଚନା ହୋଇଥିଲା। ମାତ୍ର ପଶ୍ଚିମ ଓଡ଼ିଶାରେ କେଉଁ ପରିସ୍ଥିତିରେ ସ୍କ୍ରବ୍ ଟାଇଫସ୍ ବ୍ୟାପିଲା ତାହା ସଂପର୍କରେ କେନ୍ଦ୍ରୀୟ ଟିମ୍ କିଛି ସ୍ପଷ୍ଟ କରିନାହାନ୍ତି। ସେମାନେ କେନ୍ଦ୍ର ସରକାରଙ୍କୁ ଏ ସଂପର୍କିତ ରିପୋର୍ଟ ଦେବେ ବୋଲି ଜଣାପଡ଼ିଛି। ଅପରପକ୍ଷରେ ରାଜ୍ୟ କୃଷି ସଚିବ ଅରବିନ୍ଦ ପାଢ଼ୀ ମଧ ସ୍କ୍ରବ୍ ଟାଇଫସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଦୁଇଦିନ ତଳେ କ୍ୟାପିଟାଲ ହସ୍ପିଟାଲରେ ତାଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବା ବେଳେ ତାହା ପଜିଟିଭ୍ ଆସିଛି। ଏବେ ସେ ଘରେ ରହି ଚିକିତ୍ସିତ ହେଉଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ସୂଚନା ମିଳିଛି। ତେଣୁ କେବଳ ଗ୍ରାମାଞ୍ଚଳ ନୁହେଁ, ସହରାଞ୍ଚଳରେ ମଧ ସ୍କ୍ରବ୍ ଟାଇଫସ୍ ବ୍ୟାପୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା.ନିରଞ୍ଜନ ମିଶ୍ର କହିଛନ୍ତି, ରାଜ୍ୟର ୨-୩ଟି ଜିଲ୍ଲାକୁ ବାଦ୍ ଦେଲେ ସ୍କ୍ରବ୍ ଟାଇଫସ୍ ଅନ୍ୟ ସବୁ ଜିଲ୍ଲାକୁ ବ୍ୟାପିଛି। ନିକଟରେ କେନ୍ଦ୍ରୀୟ ଟିମ୍ ସ୍କ୍ରବ୍ ଟାଇଫସ୍ ସମୀକ୍ଷା କରିବା ପାଇଁ ପଶ୍ଚିମ ଓଡ଼ିଶା ଗସ୍ତ କରିଥିଲେ। ସେମାନେ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ୨୦୧୯ ମସିହାରୁ ରାଜ୍ୟରେ ସ୍କ୍ରବ୍ ଟାଇଫସ୍‌ର ଟେଷ୍ଟିଂ ଚାଲିଛି। ରାଜ୍ୟ ସରକାରଙ୍କ ସହ ଆଲୋଚନା ସମୟରେ ସେମାନେ ରାଜ୍ୟକୁ ଟେଷ୍ଟିଂ ବଢ଼ାଇବା ସହିତ ଶୀଘ୍ର ଚିହ୍ନଟ ପାଇଁ ମୌଖିକ ଭାବେ ପରାମର୍ଶ ଦେଇଛନ୍ତି। ଖୁବଶୀଘ୍ର ସେମାନେ ଲିଖିତ ସୁପାରିସ ଦେବା ପରେ ରାଜ୍ୟ ସରକାର ପରବର୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରିବେ। ଡାକ୍ତର ମିଶ୍ର ଆହୁରି କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଟିମ୍ ମଧ ବରଗଡ଼ ଓ ସୁନ୍ଦରଗଡ଼ ଯାଇ ସ୍କ୍ରବ୍ ଟାଇଫସ୍‌ରେ ହୋଇଥିବା ମୃତ୍ୟୁର ଯାଞ୍ଚ କରିଥିଲେ। ସମସ୍ତ ମୃତ୍ୟୁକୁ ନେଇ ଦ୍ୱନ୍ଦ୍ୱ ରହିଛି। କାରଣ ସମସ୍ତଙ୍କର ଘରୋଇ ହସ୍ପିଟାଲରେ ମୃତ୍ୟୁ ହୋଇଛି। ଘରୋଇ ହସ୍ପିଟାଲଗୁଡ଼ିକରେ ଏଲିସା ପଦ୍ଧତି ବଦଳରେ ରାପିଡ୍ କିଟ୍‌ରେ ପରୀକ୍ଷା ହେଉଛି। କେବଳ ଏଲିସା ଟେଷ୍ଟିଂ ପ୍ରକୃତ ସ୍କ୍ରବ୍ ଟାଇଫସ୍ ରୋଗ ଚିହ୍ନଟ କରିପାରିବ ବୋଲି ଡା.ମିଶ୍ର କହିଛନ୍ତି।

## ଗଞ୍ଜେଇ ଜବତ: ଦୁଇ ଅଭିଯୁକ୍ତ ଗିରଫ

ସୁବର୍ଣ୍ଣପୁର, ୦୫/୧୦ (ନି.ପ୍ର): ସୋନପୁର ପୋଲିସ ଗତକାଲି ୯ କେଜି ୭୫୦ ଗ୍ରାମ ଗଞ୍ଜେଇ ଜବତ ସହ ଦୁଇ ଜଣଙ୍କୁ ଗିରଫ କରିଛି ଫ ଗିରଫ ଅଭିଯୁକ୍ତ ମାନେ ହେଲେ ବୌଦ୍ଧ ଜିଲ୍ଲା ମନମୁଣ୍ଡକ୍ଷ ତୁଣ୍ଡୁମାଲ ଗାଁ ର ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ମହାନନ୍ଦିଆ ବିହାର ଅଞ୍ଚଳରେ ରହୁଥିବା ଜିତେନ୍ଦ୍ର ପୋଢ଼ ଓ ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ ଥାନା ଧର୍ମଶାଳା ପଡା ର ଅନନ୍ତ ପୋଢ଼ । ଅଭିଯୁକ୍ତ ମାନଙ୍କ ଠାରୁ ବ୍ୟବହୃତ ଏକ ୟାମହା ସିବିଆର ବାଇକ ନମ୍ବର ଓଡି ୨୩ସି ୪୮୬୦ ସହ ଦୁଇ ଟି ମୋବାଇଲ ଜବତ କରିଛି ସୋନପୁର ପୋଲିସ। ଏ ନେଇ ଥାନାରେ ଆୟୋଜିତ ଏକ ସମ୍ମିଳନୀରେ ଅତିରିକ୍ତ ଏସପି ହେମନ୍ତ ପାଢ଼ୀ ସୂଚନା ଦେଇ କହିଛନ୍ତି ଯେ ମନମୁଣ୍ଡା ପଟରୁ ସୋନପୁର ଆଡ଼କୁ ଦୁଇ ଜଣ ଯୁବକ ବାଇକ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସୋନପୁର ଆଇଆଇସି ପଦ୍ମାସିନୀ ମେହେରଙ୍କ ନିର୍ଦ୍ଦେଶ କ୍ରମେ ପେଟ୍ରୋଲିଙ୍ଗ କରୁଥିବା ଏସଆଇ ପୀୟୂଷ ରାଜ ନାୟକ ଓ ଟିମ ଉକ୍ତ ଦୁଇ ଅଭିଯୁକ୍ତ ଆସୁଥିବା ବେଳେ କୁଞ୍ଜି ଛକ ଠାରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ଉକ୍ତ ପରିମାଣ ର ଗଞ୍ଜେଇ ବାହାରିଥିଲା। ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦ୍ୱୟ ଙ୍କୁ କୋର୍ଟ ଚାଲାଣ କରିଥିବା ସୁଚନା ଦେଇଥିଲେ। ଉକ୍ତ ସମ୍ମିଳନୀରେ ଆଇଆଇସି ପଦ୍ମାସିନି ମେହେରଙ୍କ ସହିତ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ଏଆଇସିସି ଓ ପିସିସି କର୍ମକର୍ତାଙ୍କ କୋରାପୁଟ ଓ ମାଲକାନଗିରୀ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ



ଜୟପୁର, ୦୫/୧୦ (ନି.ପ୍ର): ମାଲକାନଗିରି ଠାରେ ହେବାକୁ ଥିବା ମୂଳ ନିବାସୀ ଜନ ଜାଗରଣ ସମାବେଶରେ ଯୋଗ ଦେବେ ଏଆଇସିସିର ଅନୁସୂଚିତ ଜାତି ଓ ଜନଜାତି, ସଂଖ୍ୟାଲଘୁ ମୋର୍ଚ୍ଚା ସଂଯୋଜକ କେ.ରାଜୁ, ରାଜେଶ ଲିଲଟିଆ, ଶିବାଜୀ ରାଓ ମୋଘେ, ପିସିସି ସଭାପତି ଶରତ ପଟ୍ଟନାୟକ, ବରିଷ୍ଠ ନେତା ବିଜୟ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା। ନୂଆଦିଲ୍ଲୀରୁ ଆସୁଥିବା ନେତା ମାନଙ୍କୁ ବିଶାଖାପାଟଣା ବିମାନବନ୍ଦରରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ପୂର୍ବତନ ବିଧାୟକ ଭୁଜବଳ ମାଝୀ ସ୍ୱାଗତ କରିଥିଲେ। ସେଭଳି ଭୁବନେଶ୍ୱରରୁ ପିସିସି ସଭାପତି ଆସୁଥିବା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ସୂଚନା ମିଳିଛି। ଏମାନେ ଜୟପୁରରେ ଆଜି ରାତି ସାଢ଼େ ୯ଟା ବେଳେ ପହଚିଂବା ପରେ ସ୍ଥାନୀୟ ବାରିଣିପୁଟ -ବି.ମାଳିଗୁଡା ଗାଁ ନିକଟରୁ ବାଇକ ଶୋଭାଯାତ୍ରା କରି ଏହି ନେତା ମାନଙ୍କୁ ଜୟପୁର ପାରାବେଢ଼ା ଛକରେ ଥିବା ବାଲାକ୍ରୀଷ୍ଣା ପ୍ୟାଲେସ୍ ପର୍ଯ୍ୟନ୍ତ ଆସି ରହିବାର କାର୍ଯ୍ୟକ୍ରମ ରହିଛି ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସୂଚନା ଦେଇଛନ୍ତି। ଏଠାରେ ଏମାନଙ୍କର ରାତ୍ରି ରହଣୀର କାର୍ଯ୍ୟକ୍ରମ ରହିଛି। ଏହା ପରେ ପୁଣି ଆସନ୍ତା କାଲି ସକାଳୁ ଜୟପୁରରୁ ବାହାରି ମାଲାକାନଗିରୀ ଅଭିମୁଖେ ଯିବେ। ପୁଣି ଆସନ୍ତାକାଲି ସକାଳୁ ପାରାବେଢ଼ା ଛକରୁ ବାମୁଣିଗାଁ ପର୍ଯ୍ୟନ୍ତ ପୁଣି ବାଇକ ରାଲି କରି ସହର ପରିକ୍ରମା କରି ଏହି କଂଗ୍ରେସ ନେତା ମାନେ ଯିବାର କାର୍ଯ୍ୟକ୍ରମ ରହିଥିବା ଜୟପୁର ବିଧାୟକ ସୂଚନା ଦେଇଛନ୍ତି।

## ଗ୍ଲୋବାଲ୍ ଡେଲିଭରି ସେଣ୍ଟର ସ୍ଥାପନ କରିବ ଆକ୍ସେଞ୍ଚର



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଅଗ୍ରଣୀ ଆଇଟି କଂପାନି ଆକ୍ସେଞ୍ଚର ଭୁବନେଶ୍ୱରରେ ଏକ ଗ୍ଲୋବାଲ୍ ଡେଲିଭରି ସେଣ୍ଟର ସ୍ଥାପନ କରିବ। ରାଜ୍ୟରେ ୧୨୦୦ ଦକ୍ଷ କର୍ମଚାରୀଙ୍କୁ ନେଇ କଂପାନି ଏହି ସେଣ୍ଟରର ପରିଚାଳନା କରିବ। କଂପାନି ଖୁବ୍‌ଶୀଘ୍ର ରାଜ୍ୟରେ ୭୫ ହଜାର ବର୍ଗଫୁଟରେ ଏକ ଅତ୍ୟାଧୁନିକ କେନ୍ଦ୍ର ସ୍ଥାପନ କରିବ। ଆଜି କଂପାନିର କଣ୍ଟ୍ରି ମ୍ୟାନେଜିଂ ଡାଇରେକ୍ଟର ଅଜୟ ବିଜଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ କଂପାନିର ପରିଚାଳନା ନିର୍ଦ୍ଦେଶକ ପୁନୀତ ଜେ କୁମାର, ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବୁରାଇ, ୫-ଟି ସଚିବ ଭି କେ ପାଣ୍ଡିଆନ, ଆଇଟି ବିଭାଗର ପ୍ରମୁଖ ସଚିବ ମନୋଜ ମିଶ୍ର ଓ ସ୍ୱତନ୍ତ୍ର ସଚିବ ମାନସ ରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

## ସାଇବର ସୁରକ୍ଷା ସଚେତନତା ୱେବିନାର: ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୪୭%, ଅପରାଧ ୪୦%



ଭୁବନେଶ୍ୱର, ୦୫/୧୦ (ନି.ପ୍ର): ଉଚ୍ଚଶିକ୍ଷା ବିଭାଗର ରାଜ୍ୟ ଏନ୍‌ଏସ୍‌ଏସ୍ ସେଲ୍ ଓ ଓଡ଼ିଶା ପୁଲିସର ମିଳିତ ସହଯୋଗରେ ସାଇବର ସୁରକ୍ଷା ସଚେତନତା ୱେବିନାର ଅନୁଷ୍ଠିତ ହୋଇଛି। କ୍ରାଇମ୍‌ବ୍ରାଞ୍ଚ ଆଇଜି ସଫିନ୍ ଅହମ୍ମଦ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ ଇଣ୍ଟରନେଟ୍ ଦୁନିଆରେ ସ୍ମାର୍ଟଫୋନ୍ ସହ ଜଡ଼ିତ ସାଇବର ଅପରାଧ ବଢୁଛି। ଏହାର ପ୍ରମୁଖ କାରଣ ହେଉଛି ସଚେତନତାର ଅଭାବ ଏବଂ ଅଳ୍ପ ସମୟ ମଧ୍ୟରେ ଅଧିକ ରୋଜଗାର କରିବାର ଇଚ୍ଛା। ଆମେ ଏପରି ଠକାମି ବାବଦରେ ବୁଝିପାରିଲେ ଅନ୍ୟମାନଙ୍କୁ ସଚେତନ କରାଇ ଏହାକୁ ପ୍ରତିହତ କରିପାରିବା। ଗାଁ ଲୋକଙ୍କୁ ଏ ବିଷୟରେ ଅଧିକ ଜାଗ୍ରତ କରିବାର ସମୟ ଆସିଥିବା ସେ କହିଥିଲେ। ସହକାରୀ ପୁଲିସ୍ କମିସନର ଅଞ୍ଜନା ଟୁଡୁ ଯୋଗଦେଇ କହିଲେ ଭାରତରେ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ୪୭% ରହିଛି। ସେଥିରୁ ଉପୁଜୁଥିବା ଅପରାଧର ସଂଖ୍ୟା ୪୦%। ଲୋଭ, ମୋହ, ପ୍ରତିଶୋଧ ପରାୟଣ ମନୋଭାବ ଯୋଗୁଁ ସାଇବର ଅପରାଧ ସଂଖ୍ୟା ଅଧିକ ମାତ୍ରାରେ ବଢୁଛି। ଏହାକୁ ପ୍ରତିରୋଧ କରିବାକୁ ହେଲେ ଆମକୁ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ପଡ଼ିବ। ଆବଶ୍ୟକ ସ୍ଥଳେ ସାଇବର ଥାନାର ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଥିଲେ। ଆଇଟି ଆକ୍ଟ, ପୋସ୍‌କୋ ଆକ୍ଟ, ଆଇପିସି ଆକ୍ଟ ତଥା ସାଇବର ସିକ୍ୟୁରିଟି ପୁଲିସ ଜରିଆରେ ଥାନାରେ ମାମଲା ରୁଜୁ କରାଯାଇପାରିବ। ୧୯୩୦କୁ ଡାଏଲ୍ କରି ଜଣେ ଏତାଲା ଦାୟର କରିପାରିବ। ସତର୍କ ଓ ଭାବିଚିନ୍ତି କାର୍ଯ୍ୟ କରିବା ଦ୍ୱାରା ସାଇବର ଅପରାଧକୁ ପ୍ରତିହତ କରାଯାଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରାଜ୍ୟ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ ଏନ୍‌ଏସ୍‌ଏସ୍ ଅଫିସର ରମେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ବିଭିନ୍ନ କଲେଜର ୭୦୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବଲାଙ୍ଗୀର ଜିଲ୍ଲା ସିନିୟର ନକଆଉଟ ଫୁଟବଲ ଦ୍ୱାଦଶ ଦିବସ

ବଲାଙ୍ଗୀର, ୦୫/୧୦ (ନି.ପ୍ର): ବଲାଙ୍ଗିର ଜିଲ୍ଲା କ୍ରୀଡା ସଂସଦ ଆନୁକୁଲ୍ୟରେ ୩ ଗୋଟି ପଡିଆରେ ଫୁଟବଲ ଖେଳ ଅନୁଷ୍ଠିତ ହୋଇଯାଇଛି । ଖୁଜେନପାଲି ପଡିଆରେ କାଲସାଏପାଲି ଜେକେୱାଇଏସ୍ ୪-୦ ଗୋଲରେ ବ୍ଲୁ ମାଉଂଟେନକୁ ହରାଇ 'ବି' ଗ୍ରୁପ ଜୋନ ଚମ୍ପିୟାନ ହୋଇଛି। ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ପୂର୍ବ ରାଜ୍ୟସଭା ସଦସ୍ୟ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ସାଂସଦ ତଥା ହାଉସିଂ ବୋର୍ଡ କର୍ପୋରେସନ ଓଡିଶା ଅଧକ୍ଷ କଳିକେଶ ନାରାୟଣ ସିଂଦେଓ ଯୋଗ ଦେଇଥିଲେ। ଖୁଜେନପାଲି ସମିତି ସଭ୍ୟା ସୂର୍ଯ୍ୟକାନ୍ତି ସାହୁ, କ୍ରିଡା ସଂସଦର ଯୁଗ୍ମ ସଂପାଦକ ଶତୃଘନ ସିଂ, ଏଥେଲେଟ ସଂପାଦକ ବିଭୁତି ଭୂଷଣ ପଣ୍ଡା, ଫୁଟବଲ ସଂପାଦକ ହେମନ୍ତ କୁମାର ବେହେରା, କ୍ରୀଡା ସଂସଦ ସଦସ୍ୟ ସଂଗ୍ରାମ ବହିଦାର, ସଦସ୍ୟ ଭୁପେନ୍ଦ୍ର ପ୍ରସାଦ ସିଂ, ବିଜେଡି ଯୁବ ସଭାପତି ରାଜେନ୍ଦ୍ର ହୋତା, ଦେବବ୍ରତ ବେହେରା, ନିହାର ରଂଜନ ସ୍ୱାଇଁ, ଟିଟୁ ସାହୁ ଓ ସରୋଜ ତ୍ରିପାଠି ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଦେବାଶିଷ ବାଗ, ନରସିଂସ୍ୱାମୀ ନାଇଡୁ, ଖଲିଲଉର ରହେମାନ ଓ ଜ୍ୟୋତି ମହାନନ୍ଦ ପରିଚାଳନା କରିଥିଲେ। ଜରାସିଂହା ମିନି ଷ୍ଟାଡିୟମ ଠାରେ ମହିପୁର ୨-୦ ଗୋଲରେ ମୁରସିଂ କୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ଜରାସିଂହା ଯୁକ୍ତ ଦୁଇ କଲେଜ ଅଧକ୍ଷ ବସନ୍ତ କୁମାର ମନହିରା, ଅଧ୍ୟାପକ ଧୋବେଇ ଚରଣ ପଟେଲ ଓ ଅଧ୍ୟାପକ ଗୋବିନ୍ଦ ମେହେର ଯୋଗ ଦେଇଥିଲେ। ଖେଳକୁ ସଂଜନ କୁଦେଇ, କୈଳାସ ଚନ୍ଦ୍ର କର୍ତି, ପ୍ରଶାନ୍ତ ଥନାପତି ଓ କୁନ୍ତେ ମେହେର ପରିଚାଳନା କରିଥିଲେ । ଟାଉନ ହାଇସ୍କୁଲ ବଲାଙ୍ଗିର ପଡିଆରେ ପ୍ରୋଗ୍ରେସିବ୍ ଏ ବନାମ ସ୍ପୋର୍ଟସ ହଷ୍ଟେଲ ବଲାଙ୍ଗିର ମଧ୍ୟରେ ଅନୁଷ୍ଠିତ ଖେଳ ୨-୨ ଗୋଲରେ ଡ୍ର ରହିଥିଲା। ଟ୍ରାଇବ୍ରେକର ୩-୨ ଗୋଲରେ ପ୍ରୋଗ୍ରେସିଭ ଏ ବିଜୟୀ ହୋଇଥିଲା। ଅତିଥି ଭାବରେ କ୍ରୀଡା ସଂସଦର ଅଧକ୍ଷ ପ୍ରଭାତ କୁମାର ମିଶ୍ର, ସଂସଦର ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ଓ ସଂସଦର ସଦସ୍ୟ ଶରତ କୁମାର ନନ୍ଦ ମଂଚାସିନ ଥାଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଶୁଶାନ୍ତ କୁମାର ନାଗ, ସୁଧାଂଶୁ ସେଠ, ଶ୍ରବଣ ବାଗ ଓ ଅବୁଦୁଲ ମୁଜିବ ପରିଚାଳନା କରିଥିଲେ।

## କ. ନୂଆଗାଁରେ ମେରୀ ମିଟି ମେରୀ ଦେଶ କାର୍ଯ୍ୟକ୍ରମ

କନ୍ଧମାଳ, ୦୫/୧୦ (ନି.ପ୍ର): କେ.ନୂଆଗାଁ ବ୍ଲକର ସାରଙ୍ଗଗଡ ଠାରେ ବ୍ଲକ୍ ସ୍ତରୀୟ ମେରୀ ମିଟି ମେରୀ ଦେଶ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି କାର୍ଯକ୍ରମରେ ମୂଖ୍ୟ ଅତିଥି ଭାବରେ ସାରଙ୍ଗଗଡ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ଶଶିତା ପାତ୍ର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ସାରଙ୍ଗଗଡ ଥାନା ଅଧିକାରୀ ବଦୁଲିକା ବିଶ୍ୱାଳ, ଏସ.ଆଇ. କୃଷ୍ଣ ଚନ୍ଦ୍ର ଗୌଡ଼, ୱାର୍ଡ ମେମ୍ବର ସରଜିନି ଶତପଥୀ, ସହାୟକ ଶିକ୍ଷୟତ୍ରୀ ସ୍ମିତରଣୀ ବେହେରା ଏବଂ ନେହେରୁ ଯୁବକେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ୍ ଦଳବେହେରା ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରେ ସୁଧରାନି ଶତପଥି, ଗଞ୍ଜନ ପ୍ରଧାନ, ମାଧୁରୀ ପଣ୍ଡା, ସୁଭସ୍ମିତା ବିଷୋୟୀ, କୃଷ୍ଣ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

## କ୍ରିକେଟ ବିଶ୍ୱକପ୍ ୧୯୭୫...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

୯୨ ବଲ୍‌ରୁ ଦୃତ ୭୨ ରନ୍ ସଂଗ୍ରହ କରିଥିବା କାଳିଚରଣଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ବିବେଚନା କରାଯାଇଥିଲା । କ୍ରିକେଟର ମକ୍କା କୁହାଯାଉଥିବା ଲର୍ଡସ୍ ପଡ଼ିଆରେ ୱେଷ୍ଟଇଣ୍ଡିଜ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ଖେଳା ଯାଇଥିଲା ପ୍ରଥମ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ । ଫାଇନାଲରେ ପ୍ରଥମେ ବ୍ୟାଟିଂ କରୁଥିବା ୱେଷ୍ଟଇଣ୍ଡିଜ ଦଳ ୫୦ ରନ୍‌ରେ ମୂଲ୍ୟବାନ ୩ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିବା ବେଳେ ଅଧିନାୟକ କ୍ଲାଇବ ଲଏଡ୍‌ଙ୍କ ଲଢୁଆ ଶତକୀୟ ପାଳି (୮୫ ବଲରୁ ୧୦୨ ରନ୍ ) ଖେଳି ନିଜଦେଶକୁ ଭେଟି ଦେଇଥିଲେ ଏକ ସମ୍ମାନଜନକ ସ୍କୋର । ୨୯୨ ରନ୍‌ର ବିଜୟ ଲକ୍ଷ୍ୟ ନେଇ ପଡିଆକୁ ଓହ୍ଲେଇଥିବା ଅଷ୍ଟ୍ରେଲିଆ ଦଳ ଶେଷ ପର୍ଯ୍ୟନ୍ତ ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ ମଧ୍ୟ ବିଜୟଠାରୁ ମାତ୍ର ୧୮ ରନ୍ ଦୂରରେ ରହିଯାଇଥିଲା । ଫାଇନାଲରେ ଅଷ୍ଟ୍ରେଲିଆର ପରାଜୟ ସହ ୱେଷ୍ଟଇଣ୍ଡିଜ ବିଶ୍ୱକପ୍ ବିଜୟର ସ୍ୱାଦ ଚାଖିଥିଲା । ଫାଇନାଲ ମ୍ୟାଚ୍‌ରେ ଶତକୀୟ ପାଳି ଖେଳିଥିବା ୱେଷ୍ଟଇଣ୍ଡିଜ ର ଅଧିନାୟକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳୀ ବିବେଚନା କରାଯାଇଥିଲା । ଟପ୍ ରନ୍ ସ୍କୋରର୍ (୩୩୩) ପାଇଁ ଗୋଲଡ୍ଗେନ୍ ବ୍ୟାଟ୍ ପୁରସ୍କାର (ବର୍ତ୍ତମାନ 'ଆଇସିସି ଗୋଲଡ୍ଗେନ୍ ବ୍ୟାଟ୍' କୁହାଯାଏ)ନିଉଜିଲ୍ୟାଣ୍ଡର ଗ୍ଲେନ ଟର୍ଣ୍ଣର ଓ ଟପ୍ ୱିକେଟ୍ (୧୧) ପାଇଥିବା ଗ୍ୟାରୀ ଗ୍ଲିମରଙ୍କୁ ଗୋଲଡ୍ଗେନ୍ ବଲ୍ ପୁରସ୍କାର (ବର୍ତ୍ତମାନ 'ଆଇସିସି ଗୋଲଡ୍ଗେନ୍ ବଲ୍' କୁହାଯାଏ) ପ୍ରଦାନ କରାଯାଇଥିଲା । ବିଶ୍ୱକପ ବିଜୟର ଅନୁଭୂତି ସତରେ ବହୁତ୍ ଅଲଗା । କ୍ରିକେଟ ଇତିହାସରେ କ୍ରିକେଟର ଜନକ ଇଂଲଣ୍ଡ, ଆକ୍ରମଣାତ୍ମକ ଖେଳ ପାଇଁ ବେଶ ପ୍ରସିଦ୍ଧ ଥିବା ଅଷ୍ଟ୍ରେଲିଆ ଭଳି ଦେଶକୁ ପରାସ୍ତକରି ବିଶ୍ୱ ଚମ୍ପିୟାନ ହେବାର ଗୌରବଲାଭ କରିଥିଲା କ୍ଲାଇବ୍ ଲଏଡଙ୍କ ନେତୃତ୍ୱାଧୀନ ୱେଷ୍ଟଇଣ୍ଡିଜ ଦଳ । ଉଦଘାଟନୀ ବିଶ୍ୱକପ୍‌ର ୫ ମ୍ୟାଚ୍‌ରୁ ମ୍ୟାଚ୍ ବିଜୟ ସହ ବିଶ୍ୱବିଜେତା ହେବା ସହ ଇତିହାସ ରଚିଲା ୱେଷ୍ଟଇଣ୍ଡିଜ ।

+ଅଧ୍ୟାପକ,ବାଣିଜ୍ୟ ବିଭାଗ
ବ୍ରାହ୍ମଣଝରିଲୋ ମହାବିଦ୍ୟାଳୟ, କଟକ
ମୋ: ୯୪୩୮୦୭୦୯୪୯

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୩

ବସ୍ତା, ୦୫/୧୦ (ନି.ପ୍ର): ବସ୍ତା ବ୍ଲକ ଅନ୍ତର୍ଗତ ଗଡ଼ପଦା କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୩ ଜାମୁନିଆ ୟୁଜିୟୁପି ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ପଞ୍ଚୁପାଣ୍ଡ୍ୱ ଧଳ ଏହି ଉତ୍ସବରେ ପୌରାହିତ୍ୟ କରିଥିଲେ । ମୁଖ୍ୟଅତିଥି ସରପଞ୍ଚ ସଂଯୁକ୍ତା ନାୟକ ଉତ୍ସବକୁ ଉଦଘାଟନ କରିଥିଲେ । ମୁଖ୍ୟ ବକ୍ତା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅନିଲ କୁମାର ପାତ୍ର, ସମ୍ମାନିତ ଅତିଥି ହୀରାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁବଳ କୁମାର ବେହେରା,ପ୍ରେସ କ୍ଲବ ସଭାପତି ବାଞ୍ଛାନିଧି ଦେ, ଶିକ୍ଷାବିତ ରାମକିଙ୍କର ନାୟକ, ସ୍କୁଲ ପରିଚାଳନା କମିଟି ସଭାପତି ହରେନ୍ଦ୍ର ସିଂ ପ୍ରମୁଖ ମଞ୍ଚାସିନ ହୋଇ ଏହି ଶିଶୁ ମହୋତ୍ସବ ମାଧ୍ୟମରେ ପିଲାମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । କ୍ଲଷ୍ଟର ଅନ୍ତର୍ଗତ ସମସ୍ତେ ବିଦ୍ୟାଳୟର ଛାତ୍ରୀ ଛାତ୍ରଙ୍କୁ ନେଇ ବକ୍ତୃତା, ସଂଗୀତ, ଚିତ୍ରାଙ୍କନ, ନୃତ୍ୟ, ତର୍କ, ସୃଜନଶୀଳ ଲେଖା ଆଦି ପ୍ରତିଯୋଗିତା ହୋଇଥିଲା । ଛାତ୍ର ଦୀପ୍ତରାଗ ଦେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ସମସ୍ତ ପ୍ରତିଯୋଗୀ ବ୍ଲକ ସ୍ତରୀୟ ସୁରଭି ପାଇଁ ମନୋନୀତ ହୋଇଥିଲେ । ଶିକ୍ଷକ ଚନ୍ଦ୍ରମୋହନ ସାହୁ, ଜଗନ୍ନାଥ ବେହେରା, ଚନ୍ଦନ କୁମାର ଗିରି, ଶିକ୍ଷୟିତ୍ରୀ ଦମୟନ୍ତୀ ବେହେରା, ଅନୁପମା ଜେନା, ଗୀତା ଟୁଡୁ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କପିଳ ଶର୍ମା, ହୁମା କ୍ୟୁରେଶୀ ....

ଏବେ କପିଳ, ହୁମା ଓ ହିନାଙ୍କୁ ସମନ କରାଯାଇଛି । ଇଡି କହିଛି ଯେ ମହାଦେବ ଗେମିଂ ଆପ୍ ଲୋକଙ୍କ ଠାରୁ କୋଟି କୋଟି ଟଙ୍କା ଠକେଇ କରିଥିଲା । ଏହି ଠକେଇରୁ ମିଳିଥିବା ଟଙ୍କାରୁ ରଣବୀର ଓ ଅନ୍ୟ ବଲିଉଡ ସେଲିବ୍ରେଟିମାନେ ସେମାନଙ୍କ ଭାଗ ନେଇଛନ୍ତି । ମହାଦେବ ଅନଲାଇନ୍ ବେଟିଂ ଆପ୍ ମାମଲାରେ ୪୧୭ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତି ଜବତ କରିଛି । ଇଡି ଜାଣିବାକୁ ପାଇଛି ଯେ କମ୍ପାନୀର ପ୍ରୋମୋଟର୍ସ ଛତିଶଗଡ଼ର ଭିଲାଇର । ସେମାନେ ଏହିପରି ୪ରୁ ୫ଟି ଆପ୍ ଚଲାଉଥିଲେ । ଏଥିରୁ ଦିନକୁ ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରୁଥିଲେ । ମହାଦେବ ଅନଲାଇନ୍ ବେଟିଂ ଆପ୍ ଗୋଟିଏ ସିଣ୍ଡିକେଟ୍ ଭାବେ କାର୍ଯ୍ୟ କରୁଛି । ଏହି ସଂସ୍ଥା ଅନୈତିକ ଭାବେ ବେଟିଂ ୱେବସାଇଟ୍ ଚଲାଇବା ପାଇଁ ଅନଲାଇନ୍ ପ୍ଲାଟଫର୍ମ ବ୍ୟବସ୍ଥା କରୁଛି । ଏହାର ମୁଖ୍ୟ କାର୍ଯ୍ୟାଳୟ ୟଏଇରେ ଅବସ୍ଥିତ । ଏଥିସହ ଶ୍ରୀଲଙ୍କା, ପାକିସ୍ତାନ ଓ ନେପାଳରେ କଲ୍ ସେଣ୍ଟର ରହିଛି । ମହାଦେବ ଆପ ଜରିଆରେ କରାଯାଉଥିବା ଠକେଇର ମାଷ୍ଟରମାଇଣ୍ଡ ହେଉଛନ୍ତି ସୌରଭ ଚନ୍ଦ୍ରକାର ଓ ରବି ଉପାଲ । କିଛି ବର୍ଷ ତଳେ ଚନ୍ଦ୍ରକାର ଜୁସ ଦୋକାନ କରିଥିବା ବେଳେ ଉପାଲ ଗୋଟିଏ ଟାୟାର ଦୋକାନ କରିଥିଲେ । ହେଲେ ଏବେ ସେମାନେ କୋଟି କୋଟି ଟଙ୍କାର ମାଲିକ । ସେମାନେ ଛତିଶଗଡ଼ରୁ ଦୁବାଇ ଯିବା ପରେ ସେଠାରେ ଶେଖ ଓ ଜଣେ ପାକିସ୍ତାନୀ ନାଗରିକଙ୍କୁ ଭେଟିଥିଲେ । ଏହାପରେ ସେମାନେ ବେଟିଂ ଆପ୍ ? ଲଞ୍ଚ କରିଥିଲେ । ଇଡି କହିଛି ଯେ ଏମାନେ ଅନଲାଇନ ବେଟିଂ ପାଇଁ ସେମାନେ ଭାରତରେ ପ୍ରାୟ ୪ ହଜାର ପ୍ୟାନେଲ ଅପରେଟର୍ସ ନିଯୁକ୍ତ କରିଥିଲେ । ପ୍ରତି ଅପରେଟର ୨୦୦ ଜଣ ଗ୍ରାହକଙ୍କୁ ବେଟିଂ ପାଇଁ ସୁଯୋଗ ଦେଉଥିଲେ । ଏହାର ଅର୍ଥ ସେମାନେ ଦିନକୁ ୨୦୦ କୋଟି ଟଙ୍କା ରୋଜଗାର କରୁଥିଲେ ।

### ୫ବର୍ଷ ପରେ ସରକାର....

ନିଷିଦ୍ଧ କରିବା ବିଷୟରେ ଯାଂଚ ନିମନ୍ତେ କୃଷି ଓ କୃଷକ ସଶକ୍ତିକରଣ ବିଭାଗକୁ ପରାମର୍ଶ ଦେଇଥିଲେ । ସାର୍ବଜନୀନ ନିରାପତ୍ତାକୁ ଦୃଷ୍ଟିରେ ରଖି ମଣିଷ ଓ ପ୍ରାଣ ଉପରେ ଏହାର ରସାୟନିକ କୁପ୍ରଭାବକୁ ରୋକିବା ପାଇଁ ପାରାକ୍ୱେଟକୁ ନିଷିଦ୍ଧ କରାଯାଇଛି । ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁସାରେ ଅଧିକୃତ ବିକ୍ରେତାଙ୍କ ଦ୍ୱାରା କୀଟନାଶକ ଓ କୃଷି ରସାୟନିକ ଦ୍ରବ୍ୟର ବିକ୍ରି ନିମନ୍ତେ ରାଜ୍ୟ ସରକାର ଏବେ କୃଷି ବିଭାଗର ଅଧିକୃତ ଅଧିକାରୀ, ସମ୍ପୃକ୍ତ ସରକାରୀ ବିଭାଗ, ଓୟୁଏଟିର ବୈଜ୍ଞାନିକମାନଙ୍କ ପ୍ରେସକ୍ରିପସନକୁ ବାଧ୍ୟତାମୂଳକ କରିଛନ୍ତି । ଏନେଇ ଖୁବଶୀଘ୍ର କୃଷି ବିଭାଗ ପକ୍ଷରୁ ଗାଇଡଲାଇନ୍ ଜାରି କରାଯିବ । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ବୁର୍ଲା ସରକାରୀ ମେଡିକାଲ କଲେଜର ଡାକ୍ତରମାନେ ଏହି ହର୍ବିସାଇଡ୍ ପାରାକ୍ୱେଟକୁ ରାଜ୍ୟରେ ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ୨୦୧୮ ମସିହାରେ ରାଜ୍ୟ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ପରାମର୍ଶ ଦେଇଥିଲେ । ଏହାସହିତ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଦାବିପତ୍ର ଦେଇଥିଲେ । କିନ୍ତୁ ସରକାର ଏଥିପ୍ରତି ଦୃଷ୍ଟି ନଦେବାରୁ ୨୦୧୯ ସେପ୍ଟେମ୍ବର ୧୫ତାରିଖରେ ଦୁଇଦିନିଆ ଆମରଣ ଅନଶନରେ ବସିଥିଲେ । ସେତେବେଳେ ଏହି ଡାକ୍ତରମାନେ ପାରାକ୍ୱେଟ୍ ଯୋଗୁ ମାତ୍ର ଦୁଇବର୍ଷ ମଧ୍ୟରେ ପ୍ରାୟ ୧୭୪ଜଣଙ୍କ ଜୀବନ ଯାଇଥିବା ନେଇ ଅଭିଯୋଗ କରିଥିଲେ । ଏହି ବିଷାକ୍ତ ରସାୟନ ପ୍ରଭାବରେ ମଣିଷର କିଡନୀ, ଲିଭର ଓ ଫୁସଫୁସ୍ ସମସ୍ୟା ଦେଖା ଦେଇଥାଏ । ଏହି ରସାୟନର କୌଣସି ଆଣ୍ଟିଡୋଟ୍ ନଥିବାରୁ ପାରାକ୍ୱେଟ୍ ସଂସ୍ପର୍ଶରେ ଆସିଥିବା ରୋଗୀଙ୍କ ଶରୀରରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ ଓ ସେମାନଙ୍କ ଜୀବନ ଚାଲିଯାଇଥାଏ ବୋଲି ଡାକ୍ତରମାନେ କହିଥିଲେ । ସମ୍ବଲପୁର ସହରର ପ୍ରସିଦ୍ଧ ଡାକ୍ତର ଶଙ୍କର ରାମଚନ୍ଦାନୀ ଏହି ପାରାକ୍ୱେଟ ଉପରେ ନିଷେଧାଦେଶ ନିମନ୍ତେ ଚାଲିଥିବା ଅଭିଯାନର ନେତୃତ୍ୱ ନେଉଥିଲେ ।

### କଟକ ବଡ଼ ଡାକ୍ତରଖାନା...

ଏଥିସହ ତଦାରଖ ପାଇଁ ଜଣଙ୍କୁ ଦିଆଯିବ । ସେଥିପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । ମ୍ୟୁଜିକ ଥେରାପିର କିଛି ଖରାପ ପ୍ରଭାବ ରୋଗୀଙ୍କ ଉପରେ ପଡ଼ିବ ନାହିଁ । ବରଂ ରୋଗୀ ଆରୋଗ୍ୟ ହେବାରେ ସହାୟକ ହୋଇଥାଏ । ମ୍ୟୁଜିକ ଥେରାପିରେ କୌଣସି ନିର୍ଦ୍ଦିଷ୍ଟ ଭଜନ ବାଜିବ ନାହିଁ । କେବଳ ଇନ୍‌ଷ୍ଟ୍ରୋମେଣ୍ଟାଲ୍ ମ୍ୟୁଜିକ ବାଜିବ ବୋଲି ଡାକ୍ତର ରାଉତ କହିଛନ୍ତି ।

### ସିକିମର ପ୍ରଳୟଙ୍କରୀ ...

ପାଇ ହାବିଲଦାର (ଟେକ୍ନିକାଲ-ଇଏମ୍ଇ) ହେବା ପରେ ଅଗଷ୍ଟ ମାସରେ ଘରକୁ ବୁଲିବାକୁ ଆସି ସେପ୍ଟେମ୍ବର ୬ ତାରିଖରେ ସିକିମକୁ ଡ୍ୟୁଟି ପାଇଁ ଯାଇଥିଲେ । ମଙ୍ଗଳବାର ରାତି ୧୦ଟା ବେଳେ ଘରକୁ ଫୋନ୍ କରି ପତ୍ନୀ ଓ ଭାଉଜଙ୍କ ସହ କଥା ହୋଇଥିଲେ । ଟ୍ରେନିଂ ସାରି ଆସିଥିବା ବେଳେ ସୁରକ୍ଷିତ ଭାବେ ଘାଟି ରାସ୍ତା ପାର୍ ହୋଇଥିବା ପତ୍ନୀଙ୍କୁ ସରୋଜ କହିଥିଲେ । ତେବେ ପ୍ରବଳ ବର୍ଷା ହେଉଥିବାରୁ ଗାଡ଼ିଗୁଡ଼ିକୁ ଆଗକୁ ଯାଇ ପାରୁ ନଥିବା ଓ ସମସ୍ତେ ଗାଡ଼ି ଭିତରେ ଆଶ୍ରୟ ନେଇଥିବା ସେ ଜଣାଇଥିଲେ ବୋଲି ଭାଇ ମନୋଜ କହିଛନ୍ତି । ତେବେ ଆଜି ସକାଳ ସାଢ଼େ ୧୧ଟାରେ ତାଙ୍କ ୟୁନିଟ୍ ପକ୍ଷରୁ ସରୋଜ ନିଖୋଜ ଥିବା ମନୋଜଙ୍କୁ ଫୋନ୍ କରି ଖବର ଦିଆଯାଇଥିଲା ।

### ୫ ଦିନିଆ ରିମାଣ୍ଡରେ....

ଦୀନେଶ ଓ ଅମିତ ଅରୋରା ତଦନ୍ତକାରୀ ସଂସ୍ଥାର ହେପାଜତରେ ଥିଲେ । ଏବେ ସେମାନେ ମୋ ନାଁ ନେଉଛନ୍ତି । ମୁଁ ହାତ ଯୋଡ଼ି ଅନୁରୋଧ କରିବାକୁ ଚାହୁଁଛି ଯେ ଯଦି ଏହି ସବୁ ଅଭିଯୋଗରେ ସତ୍ୟତା ଥିବା ପ୍ରମାଣ ମିଳିବ, ତା'ହେଲେ ମୁଁ ସର୍ବାଧିକ ଦଣ୍ଡ ପାଇବାକୁ ରାଜି । କିନ୍ତୁ ଏହି ମାମଲାଟି ପୂର୍ବାଗ୍ରହ ବା ଆକ୍ରୋଶ ମୂଳକ ।" ଏହାକୁ ଇଡି ବିରୋଧ କରିବା ସହ କୋର୍ଟ କୌଣସି ରାଜନୀତିକ ମଞ୍ଚ ନୁହେଁ ବୋଲି କହିଥିଲା । କୋର୍ଟ ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ସଞ୍ଜୟ ସିଂହଙ୍କୁ ୫ ଦିନିଆ ରିମାଣ୍ଡରେ ପଠାଇ ଦେଇଛନ୍ତି ।

## ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପ୍ରକଳ୍ପ ଅଂଚଳରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ନିଃଶୁଳ୍କ ପ୍ରସ୍ତୁତି କେନ୍ଦ୍ର




ପାରାଦୀପ, ୦୫/୧୦ (ନି.ପ୍ର): ଜେଏସଡବ୍ଲ୍ୟୁ ଫାଉଣ୍ଡେସନ ପକ୍ଷରୁ ପ୍ରସ୍ତାବିତ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତର ନୂଆଗାଁ ଠାରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଏକ ପ୍ରଶିକ୍ଷଣ କେନ୍ଦ୍ର ଉଦଘାଟିତ ହୋଇ ଯାଇଛି, ଯେଉଁଠାରେ ସ୍ଥାନୀୟ ଅଂଚଳର ସ୍ନାତକ ତଥା ସ୍ନାତକୋତ୍ତର ଶିକ୍ଷା ସମ୍ପୂର୍ଣ୍ଣ କରିଥିବା ଶତାଧିକ ମେଧାବୀ ଛାତ୍ରଛାତ୍ରୀ ନିଃଶୁଳ୍କରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଉତ୍ତମ ଶିକ୍ଷା ଓ ପ୍ରଶିକ୍ଷଣ ପାଇପାରିବେ । ସ୍ଥାନୀୟ ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ମନ୍ତ୍ରୀ, ପାରାଦୀପର ଏସ ଡି ପି ଓ ଶ୍ରୀ ସନ୍ତୋଷ ଜେନା, ଅଭୟଚନ୍ଦପୁର ଥାନା ଅଧିକାରୀ ଶ୍ରୀ ରାଜା କିଶୋର ବେହେରା ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ସ୍ୱାଇଁ, ପ୍ରମୁଖ ଉପସ୍ଥିତ ରହି ଏହାର ଶୁଭ ଉଦଘାଟନ କରିଥିଲେ । ଜେ ଏସ ଡ ବ୍ଲୁ ପ୍ରକଳ୍ପ ଅଞ୍ଚଳ ସ୍ଥାନୀୟ ଢ଼ିଙ୍କିଆ, ନୂଆଗାଁ ଓ ଗଡ଼କୁଜଙ୍ଗ ପଞ୍ଚାୟତରେ ଶତାଧିକ ମେଧାବୀ ଛାତ୍ରଛାତ୍ରୀ ଯେଉଁମାନେ ସ୍ନାତକ ତଥା ସ୍ନାତକୋତ୍ତର ଶିକ୍ଷା ସମ୍ପୂର୍ଣ୍ଣ କରିଥିଲେ ମଧ୍ୟ ଉପଯୁକ୍ତ କୋଚିଂର ଅଭାବ, ଆର୍ଥିକ ସମସ୍ୟା ଓ ପାରିପାର୍ଶ୍ୱିକ ଭିତିଭୂମିର ଅଭାବରୁ ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତିର ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଆସୁଥିଲେ । ଏହାକୁ ଉପଲବ୍ଧି କରି ସ୍ଥାନୀୟ ଅଞ୍ଚଳର ଜନ ପ୍ରତିନିଧି ଓ ବୁଦ୍ଧିଜୀବି ମାନଙ୍କ ପକ୍ଷରୁ ଏହି ଅଞ୍ଚଳରେ ଏକ ଉପଯୁକ୍ତ କୋଚିଂ ଓ ପ୍ରଶିକ୍ଷଣ କେନ୍ଦ୍ରର ବ୍ୟବସ୍ଥା କରିବାକୁ ଜେ ଏସ ଡ ବ୍ଲୁ ଫାଉଣ୍ଡେସନକୁ ଅନୁରୋଧ କରାଯାଇ ଥିଲା । ଜେ ଏସ ଡବ୍ଲୁ ଫାଉଣ୍ଡେସନ ଏହି ବିଷୟକୁ ଗୁରୁତ୍ୱର ସହିତ ଅନୁଧ୍ୟାନ କରିବା ପରେ ରାଜ୍ୟରେ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ପ୍ରସ୍ତୁତି କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ଅଗ୍ରଣୀ ଅନୁଷ୍ଠାନ ଗୁରୁକୁଳ ଫାଉଣ୍ଡେସନ ସହିତ ଅନୁବନ୍ଧିତ କରିଥିଲେ । ଉଦଘାଟନୀ ଉତ୍ସବରେ ନୂଆଗାଁ ସରପଞ୍ଚଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ମନ୍ତ୍ରୀ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ଦ୍ୱାରା ପାରିପାର୍ଶ୍ୱିକ ଉନ୍ନୟନ ସହିତ ମାନବ ସମ୍ବଳ ବିକାଶ କ୍ଷେତ୍ରରେ ଏହି ମହତ୍ୱପୂର୍ଣ୍ଣ ପଦକ୍ଷେପ ପାଇଁ ସାଧୁବାଦ ଜଣାଇବା ସହିତ ଏହି ଅଞ୍ଚଳରେ ଥିବା ଯୁବକଯୁବତୀ ମାନେ ପ୍ରତିଯୋଗିତା ମୂଳକ ପରୀକ୍ଷା ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଏହି କେନ୍ଦ୍ର ମାଧ୍ୟମରେ ଉପକୃତ ହୋଇପାରିବେ ବୋଲି କହିଥିଲେ । ସ୍ଥାନୀୟ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ସ୍ୱାଇଁ ଜେ ଏସ ଡ ବ୍ଲୁ ଫାଉଣ୍ଡେସନକୁ ଧନ୍ୟବାଦ ଦେବା ସହିତ ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ମାନେ କେନ୍ଦ୍ର ଦ୍ୱାରା ପ୍ରଶିକ୍ଷଣ ଓ କଠିନ ପରିଶ୍ରମ କରି ସରକାରୀ ତଥା ଅନ୍ୟାନ୍ୟ ବିଭାଗରେ ଉଚ୍ଚ ପଦବୀରେ ନିଯୁକ୍ତ ପାଆନ୍ତୁ ବୋଲି ଆଶା ରଖିଥିଲେ । ସେହିପରି ସ୍ଥାନୀୟ ପାରାଦୀପ ଥାନାର ଏସ ଡି ପି ଓ ଶ୍ରୀ ସନ୍ତୋଷ କୁମାର ଜେନା ବର୍ତ୍ତମାନର ଯୁବପିଢ଼ୀ ମାନଙ୍କ ପାଇଁ ବିଭିନ୍ନ ସରକାରୀ ବିଭାଗରେ ଯଥେଷ୍ଟ ନିଯୁକ୍ତି ସୁଯୋଗ ଥିବାର ସୂଚନା ଦେଇଥିଲେ ଏବଂ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ର ଏହି ପଦକ୍ଷେପ ଯୁବକଯୁବତୀ ମାନଙ୍କ ମଧ୍ୟରେ ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଆଗ୍ରହ ଓ ବ୍ୟକ୍ତିତ୍ୱ ବିକାଶ ପାଇଁ ଅନେକ ମାତ୍ରାରେ ସାହାଯ୍ୟ କରିବ ବୋଲି ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଜେ ଏସ ଡ ବ୍ଲୁ ଉତ୍କଳ ଷ୍ଟିଲର ବରିଷ୍ଠ ପ୍ରଶାସନିକ ଅଧିକାରୀ ଶ୍ରୀ ଡି କେ ସିହ୍ନା ଛାତ୍ରଛାତ୍ରୀମାନଙ୍କୁ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ହାସଲ କରିବା ପାଇଁ ପରାମର୍ଶ ଦେଇଥିଲେ । ସ୍ଥାନୀୟ ତିନି ପଞ୍ଚାୟତ ତଥା ଆଖପାଖରେ ଏଭଳି କୋଚିଂ ଓ ପ୍ରଶିକ୍ଷଣ ପାଇଁ କୌଣସି ସୁବିଧା ନ ଥିବାରୁ ଅନେକ ଛାତ୍ରଛାତ୍ରୀ ବିଶେଷ କରି ଛାତ୍ରୀ ସ୍ନାତକ କିମ୍ବା ସ୍ନାତକୋତ୍ତର ହାସଲ କରିବା ପରେ ଘରେ ରହିବାକୁ ବାଧ ହେଉଥିଲେ, ଏବେ ଘର ପାଖରେ ଜେ ଏସ ଡ ବ୍ଲୁ ଫାଉଣ୍ଡେସନ ପକ୍ଷରୁ ଏଭଳି ଏକ ସୁଯୋଗ ଯୋଗାଇ ଦେଇଥିବାରୁ ଆଗାମୀ ଦିନରେ ନିଜ ଭବିଷ୍ୟତ ଗଢ଼ିବା ସହିତ ନିଶ୍ଚିତ ଭାବେ ଭଲ ସରକାରୀ ଚାକିରୀ ଯଥା ବ୍ୟାଙ୍କ, ରେଳବାଇ, ସେନାବାହିନୀ, ପୋଲିସ ବିଭାଗ, ଓଡିଶା ସ୍ତରର ପ୍ରଶାସନିକ ସେବା ଭଳି ଅନେକ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ହାସଲ କରି ପାରିବେ ବୋଲି ଉଦଘାଟନ ଉତ୍ସବରେ ଯୋଗ ଦେଇଥିବା ଛାତ୍ରଛାତ୍ରୀ ଏ ଏମ ସନ୍ତୋଷିନୀ, ଅର୍ପିତା ପ୍ରିୟଦର୍ଶିନୀ, ଅରବିନ୍ଦ ସ୍ୱାଇଁ ପ୍ରମୁଖ ମତ ଦେଇଥିଲେ । ଗୁରୁକୁଳ ଫାଉଣ୍ଡେସନର ମୁଖ୍ୟ ସୁରଜ କୁମାର ମିଶ୍ର ପ୍ରଥମ ବ୍ୟାଚ୍ ରେ ୫୫ ଜଣ ଆଗ୍ରହୀ ଛାତ୍ର ଛାତ୍ରୀ ନାମ ଲେଖାଇଥିବା ସୂଚନା ଦେଇଥିଲେ ଏବଂ ଏହି କେନ୍ଦ୍ରରେ ଅଭିଜ୍ଞ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କ ଦ୍ୱାରା କୋଚିଂ ଦିଆଯିବା ସହିତ ପିଲାମାନଙ୍କ ବ୍ୟକ୍ତିତ୍ୱ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ । ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀ ମାନେ ଏହି ପ୍ରଶିକ୍ଷଣ କେନ୍ଦ୍ରରୁ ଶିକ୍ଷା ଲାଭ କରି ବିଭିନ୍ନ ସରକାରୀ ଚାକିରୀ ସହିତ ଓଡ଼ିଶା ଷ୍ଟାଫ୍ ସିଲେକସନ ବୋର୍ଡ଼ ପରୀକ୍ଷା ରେ କୃତକାର୍ଯ୍ୟ ହୋଇ ପାରିବେ ବୋଲି ଆଶା ପ୍ରକାଶ କରିଥିଲେ । ଏହି ଉତ୍ସବରେ କମ୍ପାନୀ ପକ୍ଷରୁ ବରିଷ୍ଠ ଅଧିକାରୀ ଶିଭାଶିଷ ମିଶ୍ର, ରାଜକିଶୋର ଅଗ୍ରୱାଲ, ନିର୍ମଳ ପଣ୍ଡା, ସୁଲୋଚନା ଜେନା ଉପସ୍ଥିତ ରହିଥିଲେ ।ଜେ ଏସ ଡ ବ୍ଲୁ ଫାଉଣ୍ଡେସନର ସ୍ଥାନୀୟ ମୁଖ୍ୟ ଅଭିଜିତ ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସିଦ୍ଧାର୍ଥ ଦେ ଙ୍କ ସମେତ ସ୍ଥାନୀୟ ଭି ଏଲ ସି ମାନେ ଏହାକୁ ପରିଚାଳନା କରିଥିଲେ ।

## ୬୯ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ




ନୀଳଗିରି, ୦୫/୧୦ (ନି.ପ୍ର): ଜଙ୍ଗଲ ସୁରକ୍ଷା ଆମର ଦାୟିତ୍ୱ,ଗଛ ବଞ୍ଚିଲେ ଆମେ ବଞ୍ଚିବା ଏଭଳି କିଛି ନାରାବାଜି ସହିତ ଅତ୍ୟଧିକ ବୃକ୍ଷ ରୋପଣ କରିବା ପାଇଁ ଶପଥ ଗ୍ରହଣ କରି ୬୯ ତମ ବନ୍ୟପ୍ରାଣୀ ଦିବସ ପାଳନ କରିଛି ନୀଳଗିରି ବନବିଭାଗ । ଓଡିଶା ସରକାରଙ୍କ ଜଙ୍ଗଲ , ପରିବେଶ ଓ ଜଳବାୟୁ ବିଭାଗର ନିର୍ଦ୍ଦେଶ କ୍ରମେ ନୀଳଗିରି ଆରଟି ହାଇସ୍କୁଲର ଇକୋ କ୍ଲବ ଓ ନୀଳଗିରି ବନବିଭାଗର ମିଳିତ ସହଯୋଗରେ ଏହି ଉତ୍ସବ ପାଳନ କରାଯାଇଥିଲା । ଲୋକଙ୍କୁ ଜଙ୍ଗଲ ଓ ବନ୍ୟପ୍ରାଣୀଙ୍କ ସୁରକ୍ଷା ସମ୍ପର୍କରେ ଅବଗତ କରିବା ପାଇଁ ନୀଳଗିରି ରେଞ୍ଜର ଆଇସା ଅକ୍ତାର ନିସାଙ୍କ ଦ୍ୱାରା ନୀଳ ପତାକା ଦେଖାଇ ଏକ ପଦଯାତ୍ରା ସ୍କୁଲ ପରିସରରୁ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା । ଶେଷରେ ସ୍କୁଲର ସଭା କକ୍ଷରେ ଏକ ସଭା ଅନୁଷ୍ଠିତ ହୋଇଥିଲା ଏହି ସଭାରେ ଆରଟି ହାଇସ୍କୁଲର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ପଣ୍ଡା ସଭାପତିତ୍ୱ କରିଥିବା ବେଳେ ,ନୀଳଗିରି ବନପାଳ ରାମଚନ୍ଦ୍ର ଲେଙ୍କା ,ବନରକ୍ଷୀ ଲିପିକା ପାଣିଗ୍ରାହୀ,ବିଦ୍ୟାଳୟ ଇକୋ କ୍ଲବର ମୁଖ୍ୟ ଅଧ୍ୟାପକ ରଞ୍ଜୀତ କୁମାର ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀ ମାନଙ୍କୁ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ଅବଗତ କରାଇଥିଲେ । ଶେଷରେ ଛାତିରଛାତ୍ରୀଙ୍କ ମଧ୍ୟରେ ଏକ ବିତର୍କ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଥିଲା ।ଉକ୍ତ ପ୍ରତିଯୋଗିତାରେ ସର୍ବେଶ୍ୱର ଦାସ ପ୍ରଥମ ,ପ୍ରତୀକ କଲ୍ୟାଣ ପଣ୍ଡା ଦ୍ୱିତୀୟ,ଓ ତେଜାବ ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।

## ଅନ୍ତର୍ଜାତୀୟ ଶିକ୍ଷକ ଏକତା ଦିବସ ପାଳିତ

ବଲାଙ୍ଗୀର, ୦୫/୧୦ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ବଲାଙ୍ଗିର ଜିଲ୍ଲା ଶାଖା ତରଫରୁ ଜନ କଲ୍ୟାଣ ମଣ୍ଡପ ବଲାଙ୍ଗିର ଠାରେ ସନ୍ଧ୍ୟା ୫ ରୁ ୬ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ ଶିକ୍ଷକ ଏକତା ଦିବସ ପାଳନ ହୋଇଯାଇଛି । ଏହି ସଭାରେ ସଭାନେତ୍ରୀ ଶାନ୍ତିଲତା ସାହୁ ଅଧ୍ୟକ୍ଷତା କରିଥିବା ବେଳେ, ପରାମର୍ଶଦାତା ଆଚାର୍ଯ୍ୟ ପବିତ୍ର ସୁନା, ସହ ସମ୍ପାଦିକା ଅନୁପମା ପ୍ରହରାଜ, କୋଷାଧ୍ୟକ୍ଷ ଉପେନ୍ଦ୍ର ମେହେର, ମହିଳା ସେଲ ଅଧ୍ୟକ୍ଷ ଲକ୍ଷ୍ମୀପ୍ରିୟା ପଟେଲ, ସାଙ୍ଗଠାନିକ ସମ୍ପାଦକ ଜୟଦେବ ବିଶି, ସାଧାରଣ ସମ୍ପାଦକ ହରେକୃଷ୍ଣ ରଥ, ସଂଯୋଜନା ମଧୁ ସୁଦନ ନାୟକ ସମସ୍ତଙ୍କ ଉପସ୍ଥିତି ରେ ସଭା କାର୍ଯ୍ୟଟି ସମାପନ ହେଲା । ସାମ୍ପ୍ରତିକ ପରିସ୍ଥିତିରେ ଶିକ୍ଷକଙ୍କ ଦାୟିତ୍ୱ, କତବ୍ୟ ଓ ପାରଦର୍ଶିତା ଉପରେ ପରାମର୍ଶଦାତା ସମସ୍ତଙ୍କୁ ଅଭିଭାଷଣ ଦେଇଥିଲେ । ଏହା ସହିତ ଅନୁପମା ପ୍ରହରାଜ ଶିକ୍ଷକ ଏକତା ଓ ଶୃଙ୍ଖଳା ଉପରେ ମତାମତ ରଖିଥିଲେ । ଲକ୍ଷ୍ମୀପ୍ରିୟା ପଟେଲ ଶିକ୍ଷକ ସଂଘରେ ମହିଳା ଶିକ୍ଷୟତ୍ରୀଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ ।

## ଭବିଷ୍ୟନିଧିର ମାସିକ ପେନସନ୍ ବୃଦ୍ଧି ଦାବିରେ ବୈଠକ




ବାଲେଶ୍ୱର, ୦୫/୧୦ (ନି.ପ୍ର): ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଜିଲ୍ଲା କର୍ମକର୍ତ୍ତା ମଣ୍ଡଳୀ ବୈଠକ ଗୁରୁବାର ଦିନ ଉଠାଜଳ ସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ଇଂ. ଅନାଦି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଭବିଷ୍ୟନିଧି ପାଣ୍ଠିରୁ ପେନସନ୍ ପାଉଥିବା ବରିଷ୍ଠ ନାଗରିକମାନଙ୍କ ଦାବି ପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି ଓ ମାସିକ ପେନସନ୍ ଏକହଜାର ଟଙ୍କାକୁ ବୃଦ୍ଧି କରି ନଅହଜାର ଟଙ୍କା ଓ ମହଙ୍ଗାଭତ୍ତା ପ୍ରଦାନ ପାଇଁ ସଂସଦରେ ମାନ୍ୟବର ସାଂସଦମାନେ କେନ୍ଦ୍ରସରକାରଙ୍କୁ ଏହି ଦାବି ଉପରେ ବିଚାର କରିବାକୁ ପରାମର୍ଶ ଦେଇଥିଲେ ମଧ୍ୟ କେନ୍ଦ୍ର ସରକାର କୌଣସି ନିଷ୍ପତ୍ତି ନେଉନାହାନ୍ତି । ସେହିପରି ଅଧିକ ବେତନ ପାଇଥିବା ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଅଧିକ ପେନସନ୍ ଦେବାକୁ ମାନ୍ୟବର ସୁପ୍ରିମ୍ କୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାରେ ଭବିଷ୍ୟନିଧି ସଂସ୍ଥା କାଳକ୍ଷେପଣ ନୀତି ଗ୍ରହଣ କରିଚାଲିଛନ୍ତି । ସରକାରୀ ସ୍ୱାସ୍ଥ୍ୟବୀମା ପ୍ରଦାନରେ କେନ୍ଦ୍ର କିମ୍ବା ରାଜ୍ୟ ସରକାର କୌଣସି ନିଷ୍ପତ୍ତି ନେଉନାହାନ୍ତି ବୋଲି ଶ୍ରୀ ମହାନ୍ତି ଉପସ୍ଥିତମାନଙ୍କୁ ଅବଗତ କରାଇଥିଲେ । ବର୍ତ୍ତମାନ ଭବିଷ୍ୟନିଧି ସଂସ୍ଥାରୁ ପେନସନ୍ ପାଉଥିବା ଏହି ବରିଷ୍ଠ ନାଗରିକମାନେ ବହୁ ଦୁଃଖରେ କାଳାତିପାତ କରୁଛନ୍ତି । ଏହି ଆଲୋଚନାରେ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ କୋଷାଧ୍ୟକ୍ଷ ଜଳଧର ପଣ୍ଡା, ଜୋନ୍ ସଂପାଦକ ମାୟାଧର ନାୟକ, ଅଫିସ୍ ସମ୍ପାଦକ ଶ୍ୟାମସୁନ୍ଦର ଜେନା, ପରମେଶ୍ୱର ପାତ୍ର, ଶରତ ଚନ୍ଦ୍ର ଦଳାଇ, ରତ୍ନାକର ପଣ୍ଡା ଓ ମଧୁସୂଦନ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଆସନ୍ତା ନଭେମ୍ବର ୩ ତାରିଖଦିନ ଆସୋସିଏସନ୍‌ର ପ୍ରତିଷ୍ଠା ଦିବସ ଓ ନଭେମ୍ବର ୧୬ ତାରିଖକୁ କଳା ଦିବସ ଭାବେ ପାଳନ ପାଇଁ ରାଜ୍ୟ କମିଟିର ନିର୍ଦ୍ଦେଶମତେ ପାଳନ କରାଯିବ ।

## ବିଜେପି ପକ୍ଷରୁ ୧୨ ଘଂଟିଆ ସୁନ୍ଦରଗଡ଼ ବନ୍ଦ

ରାଉରକେଲା, ୦୫/୧୦ (ନି.ପ୍ର): ରାଉରକେଲା ସହକାରୀ ଜିଲ୍ଲାପାଳ ସ୍ୱର୍ଗତ ସୁସ୍ମିତା ମିଞ୍ଜ ଓ ଉଦିତନଗର ଥାନାର ମହିଳା ଏଏସଆଇ ଆଲିସା ଲୁଗୁନଙ୍କ ମୃତ୍ୟୁ ମାମଲାର ସିବିଆଇ ତଦନ୍ତ ଦାବିରେ ଆଜି ବିଜେପି ପକ୍ଷରୁ ୧୨ ଘଂଟିଆ ସୁନ୍ଦରଗଡ଼ ଜିଲ୍ଲା ବନ୍ଦ ପାଳନ କରାଯାଇଛି । ସକାଳ ୬ଟା ଠାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଏହି ବନ୍ଦ ପାଳନ କରାଯାଇଛି । ଫଳରେ ଦୋକାନବଜାର ବନ୍ଦ ରହିଥିଲା । ଯାନବାହନ ଚଳାଚଳ ଆଂଶିକ ପ୍ରଭାବିତ ହୋଇଥିଲା । ତେବେ ଜରୁରୀକାଳୀନ ସେବାକୁ ଏଥିରୁ ବାଦ୍ ଦିଆଯାଇଥିଲା । ସରକାରୀ ଦପ୍ତର ଗୁଡିକରେ ଭିତରୁ ତାଲା ପକାଯାଇ ଅଫିସ୍ କାମ ଚାଲିଥିଲା । ସେହିପରି ଘରୋଇ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକ ବନ୍ଦ ରହିଥିବା ବେଳେ ସରକାରୀ ସ୍କୁଲ, କଲେଜ ଖୋଲା ରହିଥିଲା ।

## ବାଲ୍ୟ ବିବାହ ରୋକିବା ନେଇ ସଚେତନା କାର୍ଯ୍ୟକ୍ରମ

ସମ୍ବଲପୁର, ୦୫/୧୦ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକରେ ବାଲ୍ୟ ବିବାହ ବିରୋଧରେ ଏକ ବୃହତ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ସମନ୍ୱିତ ବିକାଶ ପ୍ରତିଷ୍ଠାନ(ସିଡି) ଆନୁକୂଲ୍ୟରେ ଆଜି ଜମନକିରା ସାମ୍ବାଦିକ ସଂଘ ସଭାଗୃହରେ ବାଲ୍ୟ ବିବାହର କୁପରିଣାମ ଏବଂ ଏହାକୁ ରୋକିବା ଦିଗରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ସିଡିର ପ୍ରକଳ୍ପ ନିର୍ଦ୍ଦେଶକ ଭୁବନେଶ୍ୱର ଦ୍ୱିବେଦୀ ଅଧ୍ୟକ୍ଷତା କରିଥିଲେ । ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବକୀ ନାଏକ ଓ ସମ୍ମାନୀୟ ଅତିଥି ଭାବେ ସିଡିପିଓ ପ୍ରାଣେଶ୍ୱରୀ ପାଣିଗ୍ରାହୀ, ଅବସରପ୍ରାପ୍ତ ଶିକ୍ଷକ ମାୟା କାଲୋ, କରଙ୍ଗପାଣି ପୂର୍ବତନ ସରପଞ୍ଚ ମନୋଜ ମାଝୀ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଗୁରୁଚରଣ ପଟେଲ, ସମାଜ ସେବୀ ଲକ୍ଷ୍ମୀଧର ବିନ୍ଧାଣୀ, ଶ୍ରୀବତ୍ସ କାଲୋ, ସଂଯୋଜକ ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଥିଲେ ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳିତ



ରୂପସା , ୦୫/୧୦ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଆତ୍ମଜ୍ଞାନୀ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ମଧ୍ୟମା କନ୍ୟା ଆୟୁଷ୍ମତୀ ପ୍ରମୋଦିନୀ ବାରିକଙ୍କ ୪୪ ତମ ଶୁଭ ଜନ୍ମଦିନ, ଆଶ୍ରମର ଉପାଧ୍ୟକ୍ଷା ବରିଷ୍ଠ ଯୋଗ ସାଧିକା ଆତ୍ମଜ୍ଞାନୀ ମୁନିରାଜ୍ଞୀ କନକଲତା ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି । ଅତିଥି ହିସାବରେ ଯୋଗଦାନ କରିଥିଲେ,ଯୋଗ ସାଧିକା ମୁନିରାଜ୍ଞୀ ବାସନ୍ତୀ ମହାଳିକ, ବିମଳା ଲେଙ୍କା,ସୁମତୀ ଦଳାଇ ପ୍ରମୁଖ । ମୁନି ସଙ୍ଗୀତ ଗାନ କରିଥିଲେ, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା। ଉପସ୍ଥିତ ଥିଲେ , ମୁନିମତୀ ଯମୁନା ପାତ୍ର, ଜାହ୍ନବୀ ଗିରି,ଆରତୀ ଗିରି ପ୍ରମୁଖ ବହୁ, ଶିବମୁନି ଜୀଙ୍କ ପରିବାରର ସଦସ୍ୟ ସଦସ୍ୟା ବୃନ୍ଦ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ, ଆୟୁଷ୍ମତୀ ପ୍ରମୋଦିନୀ ବାରିକଙ୍କୁ,ତାଙ୍କର ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଜୀବନ ତଥା ଉଜ୍ଜ୍ୱଳ ଭବିଷ୍ୟତ ର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା । ମୁନି ସମାଜର ଯମ ନିୟମ ପାଳନ ପୂର୍ବକ ଜଣେ ପ୍ରତିଦିନ ଯୋଗ ସାଧନ କରି ଚାଲିଥିଲେ , ସେ ନିଷ୍ଚୟ ଶାରୀରିକ, ମାନସିକ, ପାରିବାରିକ ତଥା ସାମାଜିକ ଆର୍ଥିକ ସୁଖ ଶାନ୍ତି ଆନନ୍ଦ ପାଇପାରିବ ଏଥିରେ ସନ୍ଦେହ କରିବାର ଅବକାଶ ନାହିଁ ବୋଲି ଆଜିର ଅଧ୍ୟକ୍ଷା ପ୍ରକାଶ କରିଥିଲେ ।ଶେଷରେ ପିତା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାମ୍ର ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ

ଖଇରା, ୦୫/୧୦ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଅର୍ଜୁନପୁର ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ପତ୍ନୀ ବାସନ୍ତୀ(୪୨)ଗୁରୁବାର ସକାଳେ ସନ୍ଦେହ ଜନକ ଭାବେ ମୃତ୍ୟୁ ବରଣ କରିଛନ୍ତି । ଖଇରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଛି । ଶ୍ୱଶୁରଘର ଲୋକେ ଅସୁସ୍ଥତା କାରଣରୁ ମରିଥିବା ନେଇ କହୁଥିବା ବେଳେ ବାପଘର ଲେକେ ବାସନ୍ତୀଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ ପରେ ଖଇରା ପୋଲିସ ତଦନ୍ତ ଆରମ୍ଭ କରିଛି । ବାସନ୍ତୀଙ୍କ ଭାଉଜ ରଟିଣା ଗ୍ରାମର ଅନୁପମା ଯେନାଙ୍କ ଲିଖିତ ଅଭିଯୋଗ ଅନୁଯାୟୀ ଅନ୍ୟୁନ ୨୧ବର୍ଷ ତଳେ ତାଙ୍କ ନଣନ୍ଦର ବିବାହ ପ୍ରଫୁଲ୍ଲଙ୍କ ସହ ହୋଇଥିଲା । ବିବାହ ପରଠାରୁ ନଣନ୍ଦଙ୍କୁ ଶାରିରୀକ ମାନସିକ ନିର୍ଯାତନା ଦିଆଯିବା,କୌଣସୀ କଥାରେ ପ୍ରତିବାଦ କଲେ ଗରମ ଖଡିକାରେ ଚେଙ୍କ ଦିଆଯାଉଥିଲା । ପୁର୍ବରୁ ବିଭିନ୍ନ ସମୟରେ ଏହିଭଳି କିଛି ଅତ୍ୟାଚାର ଘଟଣାର ସମାଧାନ କରାଯାଇଥିବା ନେଇ ସମାଧାନରେ ଉଲ୍ଲେଖ କରାଯାଇଛି । ଏହି ହତ୍ୟା ଘଟଣାରେ ସାମିଲ ଥିବା ସ୍ୱାମୀ,ଶ୍ୱଶୁର ଓ ଶାଶୁଙ୍କୁ ଗିରଫ କରିବାକୁ ବାପଘର ଲୋକେ ଦାବୀ କରିଛନ୍ତି ।

# ଜୁଡିସିଆଲ ଜଜ୍ କ୍ରିୟାନୁଷ୍ଠାନ କମିଟି ଜିଲ୍ଲାଜଜ୍‌ଙ୍କ କୋର୍ଟ ନିର୍ମାଣ କରିବା ଦାବି



ବାଲେଶ୍ୱର, ୦୫/୧୦ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପାଖାପାଖି ସ୍ଥାନରେ ବାଲେଶ୍ୱର ଜୁଡିସିଆଲ ହବ୍ (ପ୍ରସ୍ତାବିତ ନୂତନ ଜିଲ୍ଲାଜଜ୍‌ଙ୍କ କୋର୍ଟ ନିର୍ମାଣ କରିବା ଦାବୀରେ ଜୁଡିସିଆଲ ଜଜ୍ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବାଲେଶ୍ୱର ଜିଲ୍ଲାବାସୀଙ୍କ ସୁବିଧା ପାଇଁ ଜନସାଧାରଣଙ୍କ ଦସ୍ତକତ ଅଭିଯାନ କରିବା ସହ ଆଜି ସକାଳେ ସ୍ଥାନୀୟ ସର୍କିଟ୍ ହାଉସଠାରେ କମିଟିର ଆବାହକ ଓ ଉପଦେଷ୍ଟା ମଣ୍ଡଳୀ ସଭ୍ୟ ମାନେ ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ଅଶ୍ୱିନୀ ପାତ୍ରଙ୍କୁ ସାକ୍ଷାତରେ ଏହି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ। ଷ୍ଟେସନ ବସ୍‌ଷ୍ଟାଣ୍ଡ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସହ ବିଭିନ୍ନ ରେଭିନ୍ୟୁ କୋର୍ଟ ପାଖରେ ପ୍ରସ୍ତାବିତ ନୂତନ ପ୍ରକାଶ ପାଇଥିଲେ। ସରକାରଙ୍କ ପକ୍ଷରୁ ଏହି ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ରଙ୍କୁ ଅନୁରୋଧ କରାଯାଇଥିଲା, କମିଟି ପକ୍ଷରୁ ଇତିମଧ୍ୟରେ ଜିଲ୍ଲାର ସମସ୍ତ ରାଜନେତା ପ୍ରଶାସନିକ ଅଧିକାରୀଙ୍କୁ ଜନଗଣଙ୍କୁ ସ୍ୱାକ୍ଷର ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଛି । ଏହି କ୍ରମରେ ଗତକାଲି ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ଚନ୍ଦ୍ର ପ୍ରଧାନ ଏବଂ ବ୍ରିଟର ଅଧ୍ୟକ୍ଷ ଆଲୋକ କୁମାର ସାହୁ, ସଦର ବ୍ଲକ ଚେୟାରପର୍ସନ ସୁନୀତା ବେହେରା ପ୍ରମୁଖଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟିର ଆବାହକ ମଣ୍ଡଳୀର କର୍ମକର୍ତ୍ତା ସର୍ବଶ୍ରୀ ଉପେନ୍ଦ୍ର ପାତ୍ର, ଜିତେନ୍ଦ୍ର ଉପାଧ୍ୟାୟ, ପ୍ରଭାତ ଦାସ, ମହମ୍ମଦ ଇସ୍‌ଲାମ୍, ସୁବାସ ମାସନ୍ତ, ମାନସ ରଥ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ ଏବଂ ଉପଦେଷ୍ଟା ମଣ୍ଡଳୀର ସର୍ବଶ୍ରୀ ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ, ଚକ୍ରଧର ମହାନ୍ତି, ଯାଦବେଶ ମିଶ୍ର, ଭାଗବତ ଦାସ, ପଙ୍କଜ କୁମାର ଦାସ ପ୍ରମୁଖ ମନ୍ତ୍ରୀଙ୍କ ସହ ଉପସ୍ଥିତ ରହି ଆଲୋଚନା କରିଥିଲେ ।

# ରାଜ୍ୟସ୍ତରୀୟ ସବ ଜୁନିୟର ହକି ଚାମ୍ପିୟାନସିପରେ ମୟୁରଭଞ୍ଜ ଦଳ

ବାରିପଦା , ୦୫/୧୦ (ନି.ପ୍ର): ଭୁବନେଶ୍ୱର ସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଓଡିଶା ହକି ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ରାଜ୍ୟ ସ୍ତରୀୟ ସବ ଜୁନିୟର ହକି ଚାମ୍ପିୟାନସିପରେ ଅଂଶ ଗ୍ରହଣ କରିବା ପାଇଁ ମୟୁରଭଞ୍ଜ ଦଳ ଘୋଷିତ । ଦଳରେ ଅଧିନାୟକ ସାଗର ସୋରେନ ଓ ଉପ କୁମାର ସିଂ, ବାଜୁନାଥ ମାର୍ଣ୍ଡି, ଡାକ୍ତର ବେଶ୍ରା, ସୁମନ ଟୁଡୁ, ସୁଶାନ୍ତ ମୁର୍ମୁ, ବଳରାମ ମୁର୍ମୁ, ରାମ ହେମ୍ବ୍ରମ, ବିକାଶ ଟୁଡୁ, ଅରୁଣ କୁମାର ସୋରେନ, ତାରସ ମୁର୍ମୁ, ସପନ କୁମାର ମୁର୍ମୁ, ସୁନା ମୁର୍ମୁ, ସୁମନ୍ତ ହେମ୍ବ୍ରମ, ହେମାଳ ହେମ୍ବ୍ରମ, ହରିହର ହାଁସଦା ପ୍ରମୁଖ ସାମିଲ ଅଛନ୍ତି ଓ ଜୁଲିଆନୀ ବାଗେ କୋଚ ମ୍ୟାଚରେ କନ୍ଧମାଳକୁ ୪ - ୦ ଗୋଲରେ ପରାସ୍ତ କରି ବିଜୟ ହାସଲ କରିଛି ବୋଲି ଜିଲ୍ଲା କ୍ରୀଡା ଅଧିକାରୀ ଜଣାଇଛନ୍ତି । ଜିଲ୍ଲାପାଳ ତଥା ମୟୁରଭଞ୍ଜ ହକି ଏସୋସିଏସନର ସଭାପତି ବିନୀତ ଭରଦ୍ୱାଜ ଓ ଅତିରିକ୍ତ ଜିଲ୍ଲାପାଳ ତଥା ସମ୍ପାଦକ ଅକ୍ଷୟ ସୁନୀଲ ଅଗ୍ରୱାଲ ଖେଳାଳି ମାନଙ୍କୁ



ଅଧିନାୟକ ରଂଜିତ ସିଂହଙ୍କ ସମେତ ସୁନୀଲ ହାଁସଦା, ସଂଜୀବ ଭାବେ ଦଳ ସହିତ ଗସ୍ତ କରିଛନ୍ତି । ମୟୁରଭଞ୍ଜ ତାର ପ୍ରଥମ ଅଭିନନ୍ଦନ ଜଣାଇବା ସହ ଶୁଭକାମନା ଜଣାଇଛନ୍ତି ।

# ପାରାଦୀପ ବନ୍ଦର ଭାରତୀୟ ପ୍ରମୁଖ ବନ୍ଦର ମଧ୍ୟରେ ରେକର୍ଡ

ପାରାଦୀପ, ୦୫/୧୦ (ନି.ପ୍ର): ଭାରତର ୧୨ ଟି ପ୍ରମୁଖ ବନ୍ଦର ମଧ୍ୟରୁ ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୩୯୩. ୭୩୨ ମିଲିୟନ ମେଟ୍ରିକ୍ଟନ କାର୍ଗୋ ପରିଚାଳନା କରିପାରିଛି ।ଯାହା ବର୍ଷକୁ ୨.୩୫ ପ୍ରତିଶତ ଅଭିବୃଦ୍ଧି ପ୍ରଦର୍ଶନ କରିଛି ।ପାରାଦୀପ ବନ୍ଦର ଚଳିତ ଆର୍ଥିକ ବର୍ଷରେ ୬୯.୧୩୭ ମିଲିୟନ ମେଟ୍ରିକଟନ କାର୍ଗୋ ପରିବହନ କରି ୧ ନମ୍ବର ହୋଇପାରିଛି । ଇତିହାସରେ ପ୍ରଥମ ଥର ପାଇଁ ସବୁ ମୁଖ୍ୟ ବନ୍ଦର ଗୁଡିକ ମଧ୍ୟରେ ଏହା ସର୍ବାଧିକ କାର୍ଗୋ ପରିବହନ ଅଟେ । ଏହା ବ୍ୟତୀତ ପୂର୍ବ ଆର୍ଥିକ ବର୍ଷରେ ସମାନ ଅବଧିରେ ଏହା ୮.୫ ପ୍ରତିଶତ ଅଭିବୃଦ୍ଧି ପ୍ରଦର୍ଶନ କରିଛି । ଯାହା ସମସ୍ତ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବାଧିକ ହେବ। ପିପିଏ ଦ୍ୱାରା ପରିଚାଳିତ ପେଲେଟ ସମେତ ଲୁହାପଥର ଏପର୍ଯ୍ୟନ୍ତ ସର୍ବାଧିକ ୪୫.୫୬ ପ୍ରତିଶତ ଅଭିବୃଦ୍ଧି ଦେଖାଇଛି ।ଏହା ମନେ ରଖିବାକୁ ହେବ ଯେ ୩୯୧୬-୧୭ ଠାରୁ, ପିପିଏ କ୍ରମାଗତ ଭାବରେ ବିଭିନ୍ନ ଆର୍ଥିକର ଅର୍ଦ୍ଧ ବାର୍ଷିକ କାର୍ଗୋ ହ୍ୟାଣ୍ଡଲିଂ ଆକଳନରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ପ୍ରଥମ ଥର ପାଇଁ, ଟ୍ରେଣ୍ଡରୁ ଦୂରେଇ ଯାଇ, ପିପିଏ ଚଳିତ ବର୍ଷ ସର୍ବାଧିକ କାର୍ଗୋ ଟ୍ରାଫିକ୍ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ଏହି ଚମତ୍କାର ପ୍ରଦର୍ଶନ ପାଇଁ ଟିମ୍ ପିପିଏକୁ ଅଭିନନ୍ଦନ ଜଣାଇ ଶ୍ରୀ ପି.ଏଲ. ହରାନାଦ, ଚେୟାରମ୍ୟାନ୍, ପିପିଏ ମଧ ସମସ୍ତ ହିତାଧିକାରୀଙ୍କୁ ସେମାନଙ୍କର ନିରନ୍ତର ସମର୍ଥନ ଏବଂ ଅପାର ଅବଦାନ ପାଇଁ ଅଶେଷ ଧନ୍ୟବାଦ ଅର୍ପଣ କରିଛନ୍ତି।

# ହଳଦୀପଦା ରେଳ ଧାରଣା ମରାମତି କାର୍ଯ୍ୟ ସରିଲା: ଧୀରେ ଧୀରେ ଟ୍ରେନ ଚଳାଚଳ ଆରମ୍ଭ

ବସ୍ତା, ୦୫/୧୦ (ନି.ପ୍ର): ଲଗାଣ ବର୍ଷା ଫଳରେ ବାଲେଶ୍ୱର ଜିଲା ହଳଦୀପଦା ଷ୍ଟେସନ ନିକଟ ଅମରା ବ୍ରିଜ ଠାରେ ଗତକାଲି ମାଟି ଅତଡ଼ା ଖାଇ ଡ଼ାଉନ ଲାଇନ ରେଳ ଧାରଣା ଦବି ଯାଇଥିଲା। ଫଳରେ ଟ୍ରେନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ଆଜି ରେଳ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ ସମ୍ପୂର୍ଣ ହେବା ପରେ ଅପରାହ୍ନ ୩ ଟାରେ ଡାଉନ ଲାଇନରେ ଟ୍ରେନ ଚଳାଚଳ କରିଥିବା ଦେଖିବାକୁ ମିଳିଥିଲା ।ସବୁ ପାସେଞ୍ଜର ଟ୍ରେନ ଆଜିବି ବାତିଲ ହୋଇଥିବା ବେଳେ କେବଳ ଅପ ହବଡା - ଭଦ୍ରକ ବାଘା ଯତୀନ ଟ୍ରେନ ସନ୍ଧ୍ୟାରେ ଆସିବ ବୋଲି ସୂଚନା ମିଳିଛି ।ହାତ ଗଣତା କେତେକ ଏକ୍ସପ୍ରେସ ଟ୍ରେନ ଚାଲିବା ପାଇଁ ଅନୁମତି ଦିଆଯାଇଥିବା ବେଳେ ଅନ୍ୟ ଏକ୍ସପ୍ରେସ ଟ୍ରେନ ଗୋଟିଏ ପରେ ଗୋଟିଏ ଚଳାଚଳର ବ୍ୟବସ୍ଥା ହେଉଛି। ଏହି ଲାଇନରେ ଟ୍ରେନ ଚଳାଚଳ ଆରମ୍ଭ ହୋଇଥିଲେହେଁ ବିଭାଗୀୟ ଅଧିକାରୀ ଓ ବରିଷ୍ଠ ଯନ୍ତ୍ରୀ ଉପସ୍ଥିତ ରହି ତୀକ୍ଷଣ ନଜର ରଖିଛନ୍ତି। ତେବେ ରେଳ ଧାରଣା ମରାମତି ସ୍ଥାନରେ



ଟ୍ରେନର ବେଗ ଘଣ୍ଟାପ୍ରତି ୧୦ କିମି ବେଗ ରଖାଯିବା ସହ ବିଭାଗ ପକ୍ଷରୁ ଟ୍ରେନ ଚଳାଚଳରେ କଟକଣା ରଖାଯାଇଛି ।ଗତକାଲି ରେଳ ଧାରଣା ଦବି ଯିବା ପରେ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଟେକସିନିଆନ ପହଞ୍ଚି ମରାମତି କାର୍ଯ୍ୟ ଜାରି ରଖିଥିଲେ। ରେଳପଥ ଜେନେରାଲ ମେନେଜର ଓ ଡିଆରଏମ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ଦୁଇ ଦିନ ଧରି ମରାମତି କାର୍ଯ୍ୟ ଚାଲିବା ପରେ ଆଜି ସମ୍ପୂର୍ଣ୍ଣ ହୋଇଥିଲା ।ଆସନ୍ତା କାଲି ସମସ୍ତ ଟ୍ରେନ ଚାଲିବା ପାଇଁ କର୍ତ୍ତୃପକ୍ଷଙ୍କ ପ୍ରଚେଷ୍ଟା ଜାରି ରହିଛି।

# ଉଦଳାରେ ସାଇବର ସୁରକ୍ଷା ଅଭିଯାନ




ଉଦଳା , ୦୫/୧୦ (ନି.ପ୍ର): ସ୍ଥାନୀୟ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ +୨ ଓ +୩ ରେ ଥିବା ଜାତୀୟ ସେବା ଯୋଜନା ଏବଂ ଯୁବ ରେଡ଼କ୍ରସ ତରଫରୁ ମିଳିତ ଭାବରେ ସାଇବର କ୍ରାଇମ ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଚଳିତ ଅକ୍ଟୋବର ୪ ତାରିଖ ବୁଧବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବରେ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ସାର୍ଥକ ରାୟ ଏବଂ ଉଦଳା ଥାନାର ଆରକ୍ଷୀ ନୀରିକ୍ଷକ ବନମାଳି ବାରିକ ଯୋଗ ଦେଇ ସାଇବର କ୍ରାଇମ କଣ ଓ ଏହାଦ୍ୱାରା ଲୋକେ କିପରି ଠକାମିର ଶିକାର ହୋଇଥାନ୍ତି ସେ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଏଥିରୁ ରକ୍ଷା ପାଇବା ପାଇଁ ଆମକୁ କିପରି ସତର୍କତା ଅବଲମ୍ବନ କରିବାକୁ ପଡ଼ିବ ସେ ବିଷୟରେ ଅବଗତ କରାଇଥିଲେ । ରେଡ଼କ୍ରସ ସଂଯୋଜକ ଅଧ୍ୟାପିକା କୁମକୁମ ଦାସ କାର୍ଯ୍ୟକ୍ରମ ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ପ୍ରଣତି ରାଜ ଏବଂ ଅଧ୍ୟାପକ ଗିରିଜା ଶଙ୍କର ପାତ୍ର ସହଯୋଗ କରିଥିଲେ । ରେଡ଼କ୍ରସ ସଂଯୋଜକ ଅଧ୍ୟାପକ ଅନ କୁମାର ବିଶ୍ୱାଳ କାର୍ଯ୍ୟକ୍ରମର ଶେଷ ସ୍ପର୍ଶ ଦେଇଥିଲେ ।

# କେନ୍ଦ୍ରମନ୍ତ୍ରୀଙ୍କ ଦ୍ୱାରା ଛଉ ପ୍ରଶିକ୍ଷଣ କେନ୍ଦ୍ର ଉଦ୍‌ଘାଟିତ

ବାରିପଦା , ୦୫/୧୦ (ନି.ପ୍ର): ଉପଯୁକ୍ତ ପ୍ରଶିକ୍ଷଣ ଅଭାବରୁ ବିଶ୍ୱ ପ୍ରସିଦ୍ଧ ମୟୁରଭଞ୍ଜ ଛଉନୃତ୍ୟ ଧୀରେ ଧୀରେ ନିଜର ମହନୀୟତା ହରାଉ ଥିବା ବେଳେ, ମୟୁରଭଞ୍ଜ ବାସୀଙ୍କ ଦାବୀ ମୁତାବକ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଙ୍କ ପ୍ରୟାସରେ କେନ୍ଦ୍ର ସାଂସ୍କୃତି ମନ୍ତ୍ରାଳୟ ଓ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ତରଫରୁ ମୟୁରଭଞ୍ଜ ଜିଲ୍ଲାର ପାଞ୍ଚଟି ସ୍ଥାନରେ ନୂତନ ଛଉ ନୃତ୍ୟ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା ହୋଇଛି । ଏହି କ୍ରମରେ ମୟୁରଭଞ୍ଜ ଜିଲ୍ଲାର ନିଚୁଆପଦା ଓ ବାରିପଦା ଠାରେ କେନ୍ଦ୍ର ଜଳଶକ୍ତି ଏବଂ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ଦ୍ୱାରା ଛଉ ପ୍ରଶିକ୍ଷଣ କେନ୍ଦ୍ର ଶୁଭ ଉଦ୍ଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀର ସଭାପତି ଡ. ସନ୍ଧ୍ୟା ପୁରେଚା, ସମ୍ପାଦକ ରାଜୁ ଦାସ, ଚନ୍ଦନ କିଆରୀ ଛଉ ପ୍ରଶିକ୍ଷଣ କେନ୍ଦ୍ରର ସଂଯୋଜକ ସଞ୍ଜୟ ଚୌଧୁରୀ, ମୟୁରଭଞ୍ଜ ମହାରାଜା ତଥା ପୂର୍ବତନ ମନ୍ତ୍ରୀ ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଜେପି ରାଜ୍ୟ ସମ୍ପାଦକ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବରିଷ୍ଠ ବିଜେପି ନେତା ଛୋଟେଲାଲ ମହାନ୍ତ, କବି ବିଷ୍ଣୁ ସତପଥୀ ଙ୍କ ସହିତ ବହୁ ଛଉ ପ୍ରେମୀ, କଳାକାର ଓ ସ୍ଥାନୀୟ ବୁଦ୍ଧିଜିବୀ ମାନେ ଉପସ୍ଥିତ ଥିଲେ । ଏହି ପ୍ରଶିକ୍ଷଣ କେନ୍ଦ୍ରରେ ଶିକ୍ଷା ଦାନ କରିବା ଗୁରୁଙ୍କ ସହିତ ଶିକ୍ଷା ଗ୍ରହଣ କରିବା ଶିଷ୍ୟ ମାନଙ୍କୁ କେନ୍ଦ୍ରୀୟ ସ୍ତରରୁ ସହାୟତା ପ୍ରଦାନ କରାଯିବ ବୋଲି ଜଣା ପଡିଛି । ଏହି କ୍ରମରେ ରାଇରଙ୍ଗପୁର, ତିରିଂ ଏବଂ କରଞ୍ଜିଆରେ ମଧ ପ୍ରଶିକ୍ଷଣ କେନ୍ଦ୍ରର ପ୍ରତିଷ୍ଠିତ ହୋଇଥିବାର ଜଣାଯାଇଛି। ମୟୁରଭଞ୍ଜ ଜିଲ୍ଲା ବାସୀଙ୍କ ଦୀର୍ଘ ଦିନର ଦାବୀ ପୂରଣ ହେବାକୁ ଯାଉଥିବାରୁ ଏଦିଗରେ ନିଜର ପ୍ରୟାସ ଜାରୀ ରଖିଥିବା କେନ୍ଦ୍ର ମନ୍ତ୍ରୀ ତଥା ମୟୁରଭଞ୍ଜ ସାଂସଦ ଇଂ ବିଶ୍ୱେଶ୍ୱର ଟୁଡୁଙ୍କୁ ଛଉ ପ୍ରେମୀ ଏବଂ କଳାକାର ମାନେ ସାଧୁବାଦ ଜଣାଇଛନ୍ତି।

# ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଗାନ୍ଧିଜୟନ୍ତି ପାଳିତ




ପାରାଦୀପ, ୦୫/୧୦ (ନି.ପ୍ର): ମହାତ୍ମାଗାନ୍ଧୀଙ୍କ ୧୫୪ ତମ ଜନ୍ମ ବାର୍ଷିକ ଅବସରରେ ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଭକ୍ତି ଓ ଉତ୍ସାହ ର ସହିତ ପାଳନ କରାଯାଇଛି ।ବରିଷ୍ଠ ଅଧିକାରୀ, ସଙ୍ଗଠନ ର ସଦସ୍ୟ ତଥା ଅନ୍ୟ ମାନଙ୍କ ମଧ୍ୟରେ ସିଜିଏମ (ଏଚଏସ ଏବଂ ଇ) ବିଆର ମଲ୍ଲିକ ପୁଷ୍ପମାଲ୍ୟ ଅର୍ପଣ କରି ବପୁଜିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।ଗାନ୍ଧିଜୀଙ୍କ ଶିକ୍ଷାକୁ ମନେ ପକାଇ ଶ୍ରୀ ମଲ୍ଲିକ କହିଥିଲେ ଯେ ସରଳତା, ସତ୍ୟ ଏବଂ ଅହିଂସା ପରି ମୂଲ୍ୟ ଗୁଡିକ ସମୟ ପରୀକ୍ଷିତ ଏବଂ ଚିରସ୍ଥାୟୀ ଅଟେ । ମହାତ୍ମାଗାନ୍ଧୀ ସ୍ୱଚ୍ଛତା ର ଜଣେ ଦୃଢ ପ୍ରୋତ୍ସାହକ ଥିଲେ ।ଏବଂ ଆମେ ସମସ୍ତେ ଆମର ଦୈନ ଦିନ ଜୀବନରେ ସ୍ୱଚ୍ଛତା ର ମୂଲ୍ୟ ବୋଧକୁ ଉପଲବ୍ଧି କରିବା ଉଚିତ ।ଶ୍ରୀ ମଲ୍ଲିକ ସମସ୍ତଙ୍କୁ ସ୍ୱଚ୍ଛତା ର ଶପଥ ପାଠ କରାଇଥିଲେ ।ଏହି ଅବସରରେ ଟାଉନ୍ସିପ ସପିଂ କମ୍ପ୍ଲେକ୍ସ ଏବଂ ବାମଦେଇପୁର ଗ୍ରାମପଞ୍ଚାୟତ ରେ ପାରାଦୀପ ସ୍ଥିତ କ୍ୟାନମାସ ଗ୍ରୁପ ଦ୍ୱାରା ସ୍ୱଚ୍ଛତା ଉପରେ ଏକ 'ପଥ ପ୍ରାନ୍ତ ନାଟକ' ମଧ ପରିବେଷିତ ହୋଇଥିଲା ।ସର୍ବ ଶେଷରେ ଜିରୋ ପଏଣ୍ଟ ଠାରେ ଏକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ନୀଳଗିରିରେ 'ମୁଁ ବି ମିତା' ସଚେତନତା କ୍ୟାମ୍ପେନ ଅନୁଷ୍ଠିତ




ନୀଳଗିରି , ୦୫/୧୦ (ନି.ପ୍ର): ନୀଳଗିରି ମହିଳା ମହାବିଦ୍ୟାଳୟ ଏବଂ ସଂସ୍କୃତ ମହାବିଦ୍ୟାଳୟ ପରିସରରେ କ୍ୟାମ୍ପସ ଭିତ୍ତିକ ଭୋଟର ସଚେତନତା ଅନୁଷ୍ଠିତ ହୋଇଯାଇଛି। ବିଶେଷକରି କଲେଜରେ ଅଧ୍ୟୟନ ରତ ଛାତ୍ରଛାତ୍ରୀ ମାନେ ଯୁବାବସ୍ଥାରେ ବିପଥଗାମୀ ହୋଇଯାଇଥିବା ବେଳେ ସେମାନେ କିପରି ଗଣତନ୍ତ୍ରର ସୁରକ୍ଷା ପାଇଁ ନିଜେ ସଚେତନ ହେବା ସହିତ ନିଜ ପରିବାର ଏବଂ ନିଜ ଅଞ୍ଚଳରେ ସଚେତନ ନାଗରିକ ଭାବରେ ଭୋଟଦାନରେ ଅଂଶ ଗ୍ରହଣ କରିବେ ସେଥିପ୍ରତି ଯତ୍ନବାନ ହେବାକୁ ଉପସ୍ଥିତ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ। ମୁଖ୍ୟତଃ' ମୁ ବି ମିତା 'କାର୍ଯ୍ୟକ୍ରମରେ କଲେଜ କ୍ୟାମ୍ପସ ଭିତରେ ୧୭ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀମାନେ କିଭଳି ଆଜିକାଲିର ଡିଜିଟାଲ ଯୁଗରେ କିପରି ନିଜକୁ ସ୍ମାର୍ଟ ରହି ଯୁଗପୋଜୋଗି ହେବେ ସେ ବିଷୟରେ ପରାମର୍ଶ ଦେଇଥିଲେ। ଏଥି ସହିତ ପୂର୍ବରୁ ୧୮ବର୍ଷ ବୟସରେ ଭୋଟ ଦେବା ଅଧିକାର ପାଉଥିବା ବେଳେ ଏବେ ୧୭ବର୍ଷରୁ ଉର୍ଦ୍ଧ୍ୱ ଯୁବକ ଯୁବତୀମାନେ ଏଥିପାଇଁ ସ୍ୱତନ୍ତ୍ର ପୋର୍ଟାଲରେ ଆବେଦନ କରି ନାମ ପଞ୍ଜିକରଣ କରିବା ସହିତ ନିଜ ଅଞ୍ଚଳର ଲୋକମାନଙ୍କୁ ମଧ୍ୟ ଡିଜିଟାଲର ସାହାଯ୍ୟ ନେବାପାଇଁ ପରାମର୍ଶ ଦେବା ସହ ନିଜେ ସାହାଯ୍ୟ କରିବାକୁ ଆଗ୍ରହ ଦେଖାଇବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ,ବିଡ଼ିଓ ରାହୁଲ ମଣ୍ଡଳ , ନୀଳଗିରି ମହିଳାଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡା ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖଇରା, ୦୫/୧୦ (ନି.ପ୍ର): ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଏକ ବୈଠକ ଗୁରୁବାର କୁପାରୀ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରଫୁଲ୍ଲ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ । ପ୍ରଥମେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଇଥିବା ବେଳେ ସଭ୍ୟ ମାନେ ନିଜର ମତ ଉପସ୍ଥାପନ କରିଥିଲେ । ବରିଷ୍ଠ ନାଗରିକ କୃଷ୍ଣପ୍ରସାଦ ଦଳାଇ(୮୫)ଙ୍କୁ ଉତ୍ତରୀୟ ପ୍ରଦାନ ପୁର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଆସନ୍ତା ୧୧ତାରିଖରେ ଭୁବନେଶ୍ୱର ଠାରେ ସଂଘର ବିଭିନ୍ନ ଦାବୀ ନେଇ ଅନୁଷ୍ଠିତ ହେବାକୁ ଥିବା ସମାବେଶରେ ଅଧିକ ସଂଖ୍ୟାରେ ସଭ୍ୟ ମାନେ ଯୋଗଦେବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ସମ୍ପାଦକ ଶତ୍ରୁଘ୍ନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo